# ଥୁଆମୂଳ ରାମପୁରରେ ପ୍ରାଣୀଧନ ଚିକିତ୍ସା ବିପର୍ଯ୍ୟସ୍ତ

ଥୁଆମୂଳ ରାମପୁର, ୧୮।୩(ସମିସ)

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳାର ଚିତ୍ର ଦେଖିବାକୁ ମିଳିଛି। ଥୁଆମୂଳ ରାମପୁର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସକ (ବିଭିଓ) ଏବଂ ଅତିରିକ୍ତ ଅସ୍ତ୍ରୋପଚାର ଚିକିତ୍ସକଙ୍କ ନିଯୁକ୍ତ ହୋଇଥିବା ବେଳେ ଅଧିକାଂଶ ସମୟ ସେମାନେ ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି। ରାତ୍ର ଜଗୁଆଳି ଏବଂ ଆଟେଣ୍ଡେଣ୍ଟଙ୍କ ଭରସାରେ ଚାଲିଛି ଏହି ପ୍ରାଣୀ ଚିକିତ୍ସାଳୟ କେନ୍ଦ୍ର। ଫଳରେ ପ୍ରଭାବିତ ହେଉଛି ପ୍ରାଣୀଧନ ଚିକିତ୍ସା ସେବା। ଗାଈଗୋରୁ, ଛେଳିମେଣ୍ଢା ଭଳି ଗୃହପାଳିତ ପ୍ରାଣୀ ବିଭିନ୍ନ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଅବହେଳାରୁ ମୃତ୍ୟୁ ମୁଖରେ ପଡୁଛନ୍ତି। ଚିକିତ୍ସାରେ ସମ୍ପୂର୍ଣ୍ଣ ଅବହେଳା ପ୍ରଦର୍ଶନ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ସଠିକ୍ ସମୟରେ ଟୀକାକରଣ ହେଉ ନଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏହି ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧିନରେ ବ୍ଲକର କର୍ଲାପାଟ, କେରପାଇ, ଗୁଣପୁର, ଗୋପାଳପୁର, ବଡଛତ୍ରଙ୍ଗ, ମହୁଲପାଟଣା, ଡୁମେରପଦର ଏବଂ ଅଡ୍ରି ଠାରେ ପ୍ରାଣୀ ଧନ ନିରୀକ୍ଷକ କେନ୍ଦ୍ର ରହିଛି। ଡୁମେରପଦରଠାରେ ନିର୍ମାଣ ହେଉଥିବା କାର୍ଯ୍ୟାଳୟ କୋଠା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଗୋପାଳପୁର ସ୍ଥିତ କୋଠା ବର୍ତ୍ତମାନ ବିପଦସଂକୁଳ ଅବସ୍ଥାରେ ରହିଛି। ଅଡ୍ରି ସ୍ଥିତ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରାଣୀ ସମ୍ପଦ ନିରୀକ୍ଷକଙ୍କୁ ନର୍ଲା ପ୍ରାଣୀ ଚିକିତ୍ସାଳୟକୁ ଡେପୁଟେସନ୍‌ରେ ଯାଇଥିବା ବେଳେ ପ୍ରାଣୀ ଧନ ନିରୀକ୍ଷକ ପଦବୀ ଖାଲି ପଡ଼ିଛି। ଏଥିସହିତ ଥୁଆମୂଳ ରାମପୁର ପ୍ରାଣୀ ଚିକିତ୍ସାଳୟରେ ମଧ୍ୟ ଏହି ପଦବୀ



ଖାଲି ପଡ଼ିଛି। ମହୁଲପାଟଣା ଏବଂ କେରପାଇସ୍ଥିତ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ମାସ ମାସ ଧରି ବନ୍ଦ ରହୁଥିବା ବେଳେ ଅଞ୍ଚଳର ଗୃହପାଳିତ ପଶୁ ପକ୍ଷୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ଅବହେଳା ପରିଲକ୍ଷିତ ହେଇଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୪୦ ଗ୍ରାମ ହେରୋଇନ ଜବତ; ୨ ଗିରଫ

**ନୂଆପଡ଼ା, ୧୮।୩(ସମିସ):** ନୂଆପଡ଼ା ଜିଲ୍ଲା। ଅବକାରୀ ବିଭାଗ ୪୦ ଗ୍ରାମ ହେରୋଇନ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଦୁଇ ଅଭିଯୁକ୍ତ ହେଲେ ନୂଆପଡ଼ା ଥାନା ସିର୍ତୋଲପଡ଼ାର ସତ୍ୟଜିତ ହରିପାଲ ଏବଂ ସାଗର ରଞ୍ଜନବଲ। ଅବକାରୀ ଏସ୍‌ଆଇ ହୀରାବତି ଥାଟିଙ୍କ ନେତୃତ୍ୱରେ ଏକ ଟିମ୍ କୋମନା ଥାନା କାଣ୍ଡେତରାସ୍ଥିତ ସତନାମୀପଡ଼ା ନିକଟରେ ଚଢ଼ଉ କରି ଏମାନଙ୍କୁ ଧରିଥିଲା। ଏମାନଙ୍କ ବିରୋଧରେ ଅବକାରୀ ବିଭାଗ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନୂଆପଡ଼ା ଉପକାରାଗାରକୁ ପଠାଇଦିଆଯାଇଛି। ଜବତ ହେରୋଇନର ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ କହିଛି। ଅଭିଯୁକ୍ତଙ୍କଠାରୁ ଏକ ନୂଆ ସ୍କୁଟି, ମୋବାଇଲ ଏବଂ ନିଶାଯୁକ୍ତ ଔଷଧ ଜବତ ହୋଇଛି। ଅବକାରୀ ଉପନିରୀକ୍ଷକ ଅଲେଖ ପଟେଲ, ଏଏସଇ ଗୁପ୍ତେଶ୍ୱର ପଟେଲ, କନଷ୍ଟେବଲ, ଗିରେନ୍ଦ୍ର କଟା, ଭାଗବାନ ହଂସ, ଆଶୁତୋଷ ନାୟକ ଓ ନୀଳମାଧବ ସାହୁ ଏହି ଚଢ଼ଉରେ ସାମିଲ ଥିଲେ।

# ନୂଆ ପିଇଓଙ୍କୁ ସମ୍ବର୍ଦ୍ଧନା



**ସିନାପାଲି, ୧୮ ।୩(ସମିସ):** ସିନାପାଲି ବ୍ଲକ କଇଁଟ ପଦର ପଞ୍ଚାୟତରେ ନୂତନ ଭାବେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ଓମ୍‌ପ୍ରକାଶ ଜଗତ ଯୋଗ ଦେଇଛନ୍ତି। ପଞ୍ଚାୟତ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସରପଞ୍ଚ ପୁଷ୍ପାଞ୍ଜଳି ହଂସଙ୍କ ସଭାପତିତ୍ୱରେ ଯୋଗାଣ ସହାୟକ ପାରେଶ୍ୱର ହେର୍ଣା ସଭା ପରିଚାଳନା କରିଥିଲେ। ସମିତିସଭ୍ୟ ନରହରି ହଂସ, ନାଏବ ସରପଞ୍ଚ ତିଲୋତମା ହେର୍ଣ୍ଣା ମଞ୍ଚାସୀନ ଥିଲେ।

# କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

**ଦେଓଗାଁ, ୧୮।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ସୋମବାର ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ଅଧୀନରେ ତଥା ଅଧ୍ୟକ୍ଷ ପ୍ରମୋଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ରିସୋର୍ସପର୍ସନ ଭାବେ ବଲାଙ୍ଗିର ନେହେରୁ ଯୁବକେନ୍ଦ୍ରର ଅଶୋକ ମେହେର ବକ୍ତବ୍ୟ ଦେଇଥିଲେ। ଏ ଅବସରରେ ଗାଁରେ ଏକ ଶୋଭାଯାତ୍ରା କରି ଜନସଚେତନତା ସୃଷ୍ଟି କରାଯାଇଥିଲା। ସମ୍ମାନିତ ଅତିଥିଭାବେ ସ୍ଥାନୀୟ କୋଶଳୀ ଲୋକନୃତ୍ୟ ଏକାଡେମୀର ସମ୍ପାଦକ ଧରଣୀଧର ନାୟକ, ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ ଏବଂ କ୍ରୀଡା ଶିକ୍ଷକ ସରୋଜ ନାୟକ ଯୋଗଦେଇଥିବା ବେଳେ ଗ୍ରନ୍ଥାଗାର ଗୌରାଙ୍ଗ ବେମାଲ, ଲକ୍ଷ୍ମଣ ପଧାନ, ଝସକେତନ ସାହୁ, ନିରଞ୍ଜନ ପଟେଲ, ଶାନ୍ତନୁ ପଣ୍ଡା, ପରମେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।




# କୁଲିହାମୁଣ୍ଡାରେ ଶନିଶ୍ଚର ମହୋତ୍ସବ

**ଖପ୍ରାଖୋଲ, ୧୮।୩ (ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତର କୁଲିହାମୁଣ୍ଡା ଗ୍ରାମରେ ନବମତମ ଶ୍ରୀ ଶ୍ରୀ ଶନିଶ୍ଚର ମହାପ୍ରଭୁଙ୍କ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବରେ ପ୍ରଥମଦିନ ଗ୍ରାମବାସୀ ଅଧିବାସ ସହ କଳସ ସ୍ଥାପନ କରିଥିଲେ। ଶନିବାର ମହାପ୍ରଭୁ ଶ୍ରୀ ଶ୍ରୀଶନିଶ୍ଚର ଦେବଙ୍କ ପୂଜା ଅନୁଷ୍ଠିତ ହେବା ସହ ଅଖଣ୍ଡ ହୋଯଜ୍ଞ କରାଯାଇଥିଲା। ପୂଜାକର୍ତ୍ତା ଗ୍ରାମର ଗୌନ୍ତିଆ ପ୍ରସନ୍ନ ବାଗ ସପତ୍ନିକ କାର୍ଯ୍ୟ ତୁଲାଇଥିଲେ। ପୂଜକ କପୂର୍ଚନ ଦାଶ ପୌରହିତ୍ୟ କରିଥିଲେ। କୁଲିହାମୁଣ୍ଡା ଶନିଶ୍ଚର ନାଟକର ନାଟ୍ୟଗୁରୁ ମାଧବଚନ୍ଦ୍ର ସାହୁ, ୱାର୍ଡସଭ୍ୟ ସଙ୍କୀର୍ତ୍ତନ ବାଗ ରହିଥିଲେ। କୁଲିହାମୁଣ୍ଡା ଶନିଶ୍ଚର ନାଟ୍ୟ କମିଟି ସଦସ୍ୟ ତଥା ଗ୍ରାମବାସୀ ସହଯୋଗ କରିଥିଲେ। ରାତ୍ରୀରେ ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ପାଇଁ ଶନିଶ୍ଚର ନାଟକ ଓ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା। ମନୋରଞ୍ଜନ ପାଇଁ ମିନାବଜାରର ବ୍ୟବସ୍ଥା କରାଯାଇଥିଲା ।



# ବ୍ଲକ୍‌ସ୍ତରୀୟ ଦଳିତ ସମାଜର ସମାବେଶ



**ଟିଟିଲାଗଡ଼, ୧୮।୩ (ସମିସ):** ଟିଟିଲାଗଡ଼ ବ୍ଲକ ଦଳିତ ସମାଜ ସର୍ବଦା ନିଜ ବର୍ଗ ସହ ସମାଜର ସର୍ବ ବର୍ଗ ପାଇଁ କାର୍ଯ୍ୟ କରିଆସିଛନ୍ତି। ସହନଶୀଳତାରେ, ସମାଜସେବା କାର୍ଯ୍ୟକ୍ରମରେ ଦଳିତ ସମାଜ ଆଗରେ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଟିଟିଲାଗଡ଼ଠାରେ ଦଳିତ ସମାଜ ଭବନ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସମାଜ ପାଇଁ ଆହୁରି କଲ୍ୟାଣ କାର୍ଯ୍ୟ କରାଯିବ ବୋଲି ରବିବାର ଦଳିତ ସମାଜ ପକ୍ଷରୁ ଅନୁଷ୍ଠିତ ବିଶାଳ ସଭାରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ସଭା ପୂର୍ବରୁ ସମାଜର ଏକ ବିଶାଳ ଶୋଭାଯାତ୍ରା ସ୍ଥାନୀୟ ହାଇସ୍କୁଲ ପଡିଆରୁ ବାହାରି ସଭାସ୍ଥଳ କୃଷି କାର୍ଯ୍ୟାଳୟ ପଡିଆ ନିକଟରେ ପହଞ୍ଚିଥିଲା। ସଭା ଏବଂ ଶୋଭାଯାତ୍ରାରେ ସମାଜର ସଭାପତି ପୂର୍ଣ୍ଣଚନ୍ଦ୍ର ହିଆଲ, ସାଧାରଣ ସମ୍ପାଦକ ଯୋଗେଶ୍ୱର ଟାକ୍ରି, କୋଷାଧ୍ୟକ୍ଷ ପ୍ରକାଶ ମହାନନ୍ଦ, ସାଂଗଠନିକ ସମ୍ପାଦକ ଛୁଡାଚନ୍ଦ୍ର କୁମ୍ଭାର, କୁଶକେଲା ସରପଞ୍ଚ ପୁଷ୍ପା ମହାନନ୍ଦ, ନାରେନ ସରପଞ୍ଚ ଯମୁନା ମହାନନ୍ଦ, ବିଜେପୁର ସରପଞ୍ଚ ହୃଷୀକେଶ ବାଗ, ବାନ୍ଧୁପଲା ସରପଞ୍ଚ ଗୋପାଳ ତାଣ୍ଡି, ପରାସରା ନାଏବ ସରପଞ୍ଚ ଧୋବା ଛୁରା, ସିହିନୀ ନାଏବ ସରପଞ୍ଚ ଗଣେଶ କୁମ୍ଭାର, ସିଲୁଆଁ ନାଏବ ସରପଞ୍ଚ ଜାହ୍ନବୀ ମୁଗ୍ରୀ, ଦିଗଶିରା ସମିତି ସୁରଭି ସୁନା, ମାରଲାଡ଼ ସମିତି ଶଙ୍କର ଛୁରା, କୁରସୁଡ଼ ନାଏବ ସରପଞ୍ଚ, ଯଶୋଦା କମ୍ଭାନ, ଶଗଡ଼ଘାଟ ସମିତି ସଭ୍ୟ ପରମାନନ୍ଦ ବାଗ ତଥା ସମାଜର ସକ୍ରିୟ ସଦସ୍ୟ ଭରତ ତାଣ୍ଡି, ଦୀପକ ରଞ୍ଜନ ବାଗ, ଦୀନବନ୍ଧୁ ଛୁରା, ଗଜାନନ ତାଣ୍ଡି, ଯୁଗଳ ଜାଲ, ଜିତେନ ମୁଗ୍ରୀ, ବିକ୍ରମ ସୁନା, ଉମେଶ ମହାନନ୍ଦ, ହେମନ୍ତ କମ୍ଭାନ, ବୁଲୁ ମହାନନ୍ଦ, ସତ୍ୟବାନ ସୁନା, ହୁର୍ସି ତାଣ୍ଡି, ବିନୋଦ ତାଣ୍ଡି, ଜିତୁ ହରପାଳ, ବିକାଶ ଶିଖା, ବିସ୍କୁଟ ଶିଖା, ପ୍ରାଦ୍ୟୁମନ ବିଭାର, ସେବନ୍ତ କୁମ୍ଭାର, ଯୁବରାଜ କୁମ୍ଭାର, ପିଙ୍କୁ ନାଗ, ରାମଦାଶ ଶିଖା, ଗୁରିଆ ତାଣ୍ଡି, ରାଇଟର ଡୁଙ୍ଗରି, ଜାତି ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମାଁ ଭଣ୍ଡାର ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପ୍ରଥମ ସେମିରେ ଘଣ୍ଟିଗୁଡା ଦଳ ବିଜୟୀ



**ହାତୀବନ୍ଧା, ୧୮ ।୩(ସମିସ):** ସିନାପାଲି ବ୍ଲକ ଭରୁଆମୁଣ୍ଡାସ୍ଥିତ ଚଚରା ଭଟା ମହାବନ୍ଦ ଖେଳ ପଡ଼ିଆରେ ଚାଲିଥିବା ମାଁ ଭଣ୍ଡାର ମାଉଲି କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଚାରପାଲି ଓ ଘଣ୍ଟିଗୁଡା ମଧ୍ୟରେ ହୋଇଥିବାବେଳେ ଏଥିରେ ଘଣ୍ଟିଗୁଡା ଦଳ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ଚାରପାଲି ଦଳ ଟସ ଜିଣି ୧୨ ଓଭର ଖେଳ ଖେଳି ସମସ୍ତ ୱାକେଟ ହରାଇ ୧୩୯ ରନ ସଂଗ୍ରହ କରିଥିଲା। ଘଣ୍ଟିଗୁଡା ଦଳ ୧୦ ଓଭର ୩ ବଲ୍‌ରେ ୧୪୫ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ହେମନ୍ତ ତାଣ୍ଡି ଓ ପ୍ରମାଚନ୍ଦ ତାଣ୍ଡି ଖେଳ ପରିଚାଳନା କରିଥିଲେବାବେଳେ ସ୍କୋରିଂରେ ତୁଳାରାମ ତାଣ୍ଡି ସହଯୋଗ କରିଥିଲେ। ଗାଁ ମୁଖିଆ ହରିସିଂ ମାଝୀ, ଡିସମ୍ବର ଛତ୍ରିଆ ଅତିଥି ଭାବେ ଯୋଗ ଦେଇଥିଲେ।

## କୋମନା ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# ଘୁମୁରାରେ ବିଭୋର ହେଲେ ଦର୍ଶକ

**କୋମନା, ୧୮ ।୩(ସମିସ):** କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ପଡ଼ିଆରେ ରବିବାରଠାରୁ କୋମନା ଲୋକ ମହୋତ୍ସବ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ନୂଆପଡ଼ା ବିଶିବାହାଲର କଳାକାରଙ୍କ ଘୁମୁରା ନୃତ୍ୟ ଦର୍ଶକଙ୍କୁ ବିଭୋର କରିଛି। ଏଥିରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ଓକିଲ ସଂଘ ସଭାପତି ପ୍ରସନ୍ନ ପାଢ଼ୀ, କିଶାନ ମଜଦୁର ସଂଗ୍ରାମ ପରିଷଦ ସଭାପତି ଯଦୁମଣି ପାଣିଗ୍ରାହୀ, କଂଗ୍ରେସ ନେତା ଘାସିରାମ ମାଝି, କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ, ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲ୍ଲା ସରେଇପାଲି ବିଧାୟକ ଚାତୁରୀ ନନ୍ଦ, ସରପଞ୍ଚ ବିମଳ ଯୋଶୀ, ବିରାଟ ବାଗ, ଖୀରସିନ୍ଧୁ ଭୋଇ, କୋମନା ବ୍ଲକ ଉପାଧ୍ୟକ୍ଷ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଶିକ୍ଷାବିତ୍ ପ୍ରବୋଧ ହୋତା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବରେ ପରିଚାଳନା କମିଟି ସମ୍ପାଦକ ମନୋଜ ଅଦା, ଅଧ୍ୟାପକ ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ସିଟିଜେନ୍ ଫୋରମ୍ ପକ୍ଷରୁ ଡିଆର୍‌ଏମ୍‌ଙ୍କୁ ଦାବିପତ୍ର



**ଜୁନାଗଡ଼, ୧୮।୩(ସମିସ):** ଜୁନାଗଡ଼ ସିଟିଜେନ ଫୋରମ ତରଫରୁ ସୋମବାର ଜୁନାଗଡ଼ ରେଲୱେ ଷ୍ଟେସନ ମାଷ୍ଟରଙ୍କ ଜରିଆରେ ଡିଆରଏମଙ୍କୁ ଏକ ଦାବିପତ୍ର ଦିଆଯାଇଛି। ବିଶାଖାପାଟଣାରୁ ଭବାନୀପାଟଣା ଚାଲୁଥିବା ପାସେଞ୍ଜର ଟ୍ରେନକୁ ଜୁନାଗଡ଼ ରୋଡକୁ ସମ୍ପ୍ରସାରଣ ଓ ଏକ୍ସପ୍ରେସ ଟ୍ରେନ୍‌ରେ ପରିଣତ କରିବା, ଜୁନାଗଡ଼ ଷ୍ଟେସନରୁ ହାଓଡାକୁ ଏକ ସିଧାସଳଖ ଟ୍ରେନ ଓ ଜୁନାଗଡ଼ ରେଲୱେଷ୍ଟେସନରେ ଚାରି ଚକିଆ ଓ ଦୁଇ ଚକିଆ ଯାନ ପାଇଁ ପାର୍କିଂ ଷ୍ଟାଣ୍ଡ ନିର୍ମାଣ ପ୍ରମୁଖ ଦାବି ଅନ୍ତର୍ଭୁକ୍ତ। ଏହି ଅବସରରେ ସିଟିଜେନ ଫୋରମର ସଭାପତି ଅଶୋକ ପାତ୍ର, ଉପ -ସଭାପତି ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ ବିଜୟ ବେହେରା, ଯୁଗଳ କିଶୋର ନାଏକ, କୋଷାଧକ୍ଷ କୁବଳେଶ୍ୱର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ନବ କିଶୋର ବେହେରା, ବ୍ୟାସଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ହୋଇ ଦାବିପତ୍ର ପ୍ରଦାନ କରିଥିଲେ।

# ଜଳ ସମସ୍ୟା; ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ

## ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

ଲଡୁଗାଁ/କୋକସରା, ୧୮।୩(ସମିସ)

ଖରା ଆରମ୍ଭରୁ ଗ୍ରାମାଞ୍ଚଳରେ ଜଳକଷ୍ଟ ଦେଖା ଦେଇଛି। ଟୋପାଏ ପିଇବା ପାଣି ପାଇଁ ଲୋକେ ଡହଳବିକଳ ହେଉଛନ୍ତି। କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମରେ ଖରା ଆରମ୍ଭରୁ ଜଳ ସମସ୍ୟା ଦେଖାଦେଇଛି। ଏଣେ ଗାଁରେ ଥିବା ଜଳ ଯୋଗାଣ ପ୍ରକଳ୍ପ ଫେବୃଆରୀ ମାସରୁ ଅଚଳ ହୋଇପଡ଼ିଛି। ଏ ବିଷୟରେ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ଗାଁରେ ଘୋର ଜଳ ସମସ୍ୟା ଦେଖାଦେଇଥିବା ଅଭିଯୋଗ କରି ସୋମବାର ସୁନାମାଲ ଗ୍ରାମବାସୀ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ଅରୁଣ କୁମାର ସାହୁ, ନୈବସୂତ ସାହୁ, ବସନ୍ତ କୁମାର ପୋଢ଼, ତେଜରାଜ ଦୁରିଆ, ଉଗ୍ରସେନ ସାହୁ, କୁରୁକ୍ଷେତ୍ର ନାଏକ, ତପନ ଚଣ୍ଡି, ରୁଦ୍ରପ୍ରସାଦ ସାହୁ, ଟଙ୍କଧର ହଂସ ଓ ଧନସିଂ ଶବରଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ହିସାବ ଅଧିକାରୀ ଅଶୋକ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଛି। ଜଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୌଣସି ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସୁନାମାଲ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଯଶୋବନ୍ତୀ ଭୋଇଙ୍କ ପ୍ରତିକ୍ରିୟା ନେବାରେ କିଛି ଯାନ୍ତ୍ରିକ ତ୍ରୁଟି ରହିଛି, ୩/୪ ଦିନ ମଧ୍ୟରେ ମରାମତି କରାଯାଇ ପାନୀୟ ଜଳ ଯୋଗାଣ ସ୍ୱାଭାବିକ କରାଯିବ ବୋଲି କହିଛନ୍ତି।



## ଫଟୋ ଖବର...










'ଉଦନ୍ତୀ ମହୋତ୍ସବ' ଉଦ୍‌ଯାପନୀ ସନ୍ଧ୍ୟାର ଝଲକ...

# ଅସହାୟଙ୍କୁ ସୁରକ୍ଷା ଦେବାରେ ବିଫଳ 'ସାମାଜିକ ସୁରକ୍ଷା' ଯୋଜନା

**ଥୁଆମୂଳ ରାମପୁର, ୧୮।୩(ସମିସ)**



ସମାଜରେ ଅବହେଳିତ ତଥା ନିଷ୍ପେସିତ ଅବସ୍ଥାରେ ରହିଥିବା ନିରୀହ ଓ ଅସହାୟ ଲୋକଙ୍କ ପାଇଁ ସରକାର ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ସମାଜରେ ଥଇଥାନ କରିବାରେ ପ୍ରୟାସ କରିଛନ୍ତି। ଏଥିପାଇଁ ରାଜକୋଷରୁ ନିୟମିତ ଖର୍ଚ୍ଚ ହୋଇ ଚାଲିଛି କୋଟି କୋଟି ଟଙ୍କାର ଅନୁଦାନ। ବହୁ ସମୟରେ ସ୍ୱଚ୍ଛଳ ଗୋଷ୍ଠୀ ସରକାରୀ ସହାୟତା ହାତେଇ ନେଉଥିବା ବେଳେ ଅନେକ ଅସହାୟ ସରକାରୀ ସହାୟତାକୁ ଅପେକ୍ଷା କରିକରି ଜୀବନ ଶେଷ ହୋଇଯାଉଛି। ସରକାର ବୃଦ୍ଧ, ବୃଦ୍ଧା ବିଧବା ଏବଂ ଭିନ୍ନକ୍ଷମମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ସ୍ୱଳ୍ପ ଆର୍ଥିକ ସହାୟତା ସ୍ୱରୂପ ଭତ୍ତା ଦେଉଛନ୍ତି। ଫଳରେ ଏମାନେ ମାସିକ କିଛି ଅର୍ଥ ପାଇ ନିଜ ଅତ୍ୟାବଶ୍ୟକୀୟ ଗୁଜୁରାଣ ମେଣ୍ଟାଇବାରେ ସମର୍ଥ ହୋଇଥାନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଭଳି ବଣ ପାହାଡ଼ ଘେରା ତଥା ଆଦିବାସୀବହୁଳ ବ୍ଲକର କାଣିଗୁମା ଗ୍ରାମ ପଞ୍ଚାୟତ ଅଧିନ ପୁଷ୍ଟିଗୁଡା ଗାଁର ଏଭଳି ଅନେକ ଅସହାୟ ବ୍ୟକ୍ତି ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଥିବା ବାସ୍ତବରେ ବିଡମ୍ବନାର ବିଷୟ ଅଟେ। ଗାଁର ନାରଙ୍ଗୀ ଦେଇ ମାଝୀ ସ୍ୱାମୀଙ୍କୁ ହରାଇ ୫ ବର୍ଷରୁ ଅଧିକ ହେବ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇ ନ ଥିବା ବେଳେ ଭତ୍ତା ପାଇଁ ଆବେଦନ କଲେ ମଧ୍ୟ ଗ୍ରହଣଯୋଗ୍ୟ ହୋଇ ପାରିନି ଯାହା ଫଳରେ ଭତ୍ତାରୁ ବଞ୍ଚିତ ଥିବା ଜଣାପଡ଼ିଛି। ଏଥିସହିତ ଏହି ଅସହାୟ ବିଧବା ବୃଦ୍ଧା ଜଣକ ନିଜର ମାନସିକ ଭିନ୍ନକ୍ଷମ ପୁଅକୁ ନେଇ ଦୟନୀୟ ଅବସ୍ଥାରେ ରହି ଆସୁଛନ୍ତି। ପୁଅର ଭିନ୍ନକ୍ଷମ ପ୍ରମାଣପତ୍ର ଥାଇ ମଧ୍ୟ ପୁଅକୁ ଭତ୍ତା ମିଳିପାରିନି। ସେହିପରି ଗୁଞ୍ଜି ଦେଇ ମାଝୀଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ପରିସ୍ଥିତି। ବିଧବା ହୋଇ ନିଜ ଭିନ୍ନକ୍ଷମ ପୁଅ ସହିତ ଅସହାୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। ସେହିପରି ପୁରୁନୀ ମାଝୀ ମଧ୍ୟ ଗତ ୨୦୨୨ ଅଗଷ୍ଟ ୨୮ ତାରିଖରେ ନିଜ ସ୍ୱାମୀକୁ ହରାଇ ବିଧବା ଜୀବନ କାଟୁଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର ରହିଥିଲେ ମଧ୍ୟ ଭତ୍ତା ମିଳିପାରୁନି। ତିନି ଛୁଆଙ୍କୁ ନେଇ କିପରି ପ୍ରତିପୋଷଣ କରିବ ସେନେଇ ଚିନ୍ତାରେ ଅଛନ୍ତି ପୁରୁନୀ। ଗାଁର ରତନ ଦେଇ ମାଝୀ (୬୧), ଦାହାରୀ ମାଝୀ (୭୩), ସୁମୁରି ଦେଇ ମାଝୀ (୬୩), ଡୁମେନ ମାଝୀ (୬୭) ଏବଂ ବିଘ୍ନ ନାଏକ (୬୬)ଙ୍କ ଭଳି ସମାଜର ଅବହେଳିତ ଅନେକ ବୃଦ୍ଧବୃଦ୍ଧା ଏବଂ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ଗାଁର ପାନମତୀ ମାଝୀ ବହୁ ଦିନରୁ ଭତ୍ତା ପାଇ ଆସୁଥିବା ବେଳେ ଆଜକୁ ପ୍ରାୟ ଏକ ବର୍ଷ ହେବ ଭତ୍ତା ପାଇବାରୁ ବଞ୍ଚିତ ଥିବା ଅଭିଯୋଗ ଆଣିଛନ୍ତି ବୃଦ୍ଧା ପାନମତୀ। ଏମିତି ଥୁଆମୂଳ ରାମପୁର ବ୍ଲକର ପ୍ରତ୍ୟେକ ଗ୍ରାମରେ ଏଭଳି ଅନେକ ଅସହାୟ ଲୋକେ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଏମାନଙ୍କ ପାଇଁ ବିଫଳ ହୋଇଛି ସରକାରଙ୍କ 'ସାମାଜିକ ସୁରକ୍ଷା' ଯୋଜନା। ପ୍ରଶାସନିକ ଅଧିକାରୀ ତଥା ଜନପ୍ରତିନିଧି ମାନଙ୍କ ଆନ୍ତରିକତା ତଥା ସହଯୋଗର ଅଭାବ ଯୋଗୁଁ ଏଭଳି ଅନେକ ଯୋଜନାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ। ପୁଷ୍ଟିଗୁଡା ଗାଁର ଏହି ଅବହେଳିତ ଲୋକଙ୍କୁ ଚିହ୍ନଟ କରି ସାମାଜିକ ସୁରକ୍ଷା ଯୋଜନାରୁ ଭତ୍ତା ପ୍ରଦାନ କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

## ଗାଁ ଗଣ୍ଡାରେ ଖୁଲମଖୁଲା ମଦ ବିକ୍ରି

**ଧର୍ମଗଡ଼, ୧୮।୩ (ସମିସ):** ଏବେ ଗାଁ ଗଣ୍ଡାରେ ବେନିୟମ ଭାବେ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଖୁଲମଖୋଲା ଭାବେ ମଦ ବିକ୍ରି ସମେତ ଚୋରା ଚାଲାଣ ବୃଦ୍ଧି ପାଉଛି। ଫଳରେ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଉଛି। ବିଶେଷ ଭାବେ ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଏଭଳି ଅଭିଯୋଗ ଉଠିଥିବା ବେଳେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜିଥିବା ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଅଞ୍ଚଳରେ ବେହେରାସ୍ଥିତ ଦେଶୀ ମଦ ଭାଟିରେ ମଦ ତିଆରି ହୋଇ ପର୍ଲା, ଗତମୁଣ୍ଡା ଶାଖା ଭାଟିକୁ ଯୋଗାଣ ହୋଇ ବିକ୍ରି ହୋଇଥାଏ। ନିୟମ ଅନୁସାରେ କେବଳ ଭାଟିମାନଙ୍କରେ ମଦ ବିକ୍ରି କରିବା

**● ଅବକାରୀ ବିଭାଗ ନୀରବଦ୍ରଷ୍ଟା**

ନିର୍ଦ୍ଦେଶ ରହିଥିଲେ ହେଁ ଭାଟି କର୍ମଚାରୀମାନେ ଅଧିକ ଲାଭଖୋର ଉଦ୍ଦେଶ୍ୟ ରଖି ଗାଁ ଗାଁରେ ମଦ କୋଠି ଖୋଲିଛନ୍ତି। ଭାଟି କର୍ମଚାରୀ ସ୍ଥାନୀୟ ଲୋକଙ୍କ ମୁହଁ ବନ୍ଦ କରିବା ଆଳରେ ଗାଁ ଗାଁରେ ବିଭିନ୍ନ ଚାନ୍ଦା ଦେଇ ମଦ ବ୍ୟବସାୟକୁ ବିସ୍ତାର କରି ଆସୁଛନ୍ତି। ବେହେରାସ୍ଥିତ ମଦ ଭାଟିରୁ ପ୍ରାୟ ଅଞ୍ଚଳର ପ୍ରତ୍ୟେକ ଗାଁ ଗଣ୍ଡାମାନଙ୍କୁ ବେଆଇନ ଭାବେ ଯୋଗାଇ ଦିଆଯାଉଛି। କର୍ମଚାରୀ ମାନେ ଅଧିକ ଲାଭବାନ ଆଶା ନେଇ କେତେକ ସ୍ଥାନରେ ମଦ ଷ୍ଟକ ରଖି ସୁଦୂର ଛତିଶଗଡ଼କୁ ଚୋରା ଚାଲାଣ କରୁଥିବା ଅଞ୍ଚଳରେ ଆଲୋଚନା ହେଉଛି। ଛତିଶଗଡ଼ ସୀମାନ୍ତ ବେହେରା ଗୁଡା, ଧଅରପୁର, ସେମେଲା, ହାତୀପଖାନ ଆଦି ସ୍ଥାନ ଏହାର ମୁଖ୍ୟ କେନ୍ଦ୍ରସ୍ଥଳ ଥିବା କୁହାଯାଉଛି। ବେହେରାସ୍ଥିତ ସରକାରୀ ଦେଶୀ ମଦ ଭାଟିରେ ତିନି ପ୍ରକାର ମଦ ତିଆରି ହେଉଥିବା ବହୁଦିନରୁ ଅଭିଯୋଗ ହେଇଆସୁଛି। ସାଧାରଣ ଲୋକଙ୍କ ପାଇଁ ସିଲ ମରାଯାଇଥିବା ସାଧା ଓ ଘୋଡା ଛାପ ପ୍ୟାକେଟ ଥିବା ବେଳେ ଛତିଶଗଡ଼ ଓ କିଛି ବେପାରୀଙ୍କ ପାଇଁ ବିନା ସିଲ ପ୍ୟାକେଟରେ ଯୋଗାଇ ଦିଆଯାଉଥିବା ଅଭିଯୋଗ ହେଉଛି। ହେଲେ ଅବକାରୀ ବିଭାଗ ନିରବ ସାଜିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଏହି କାରବାରରେ ବିଭାଗର ସମ୍ପୃକ୍ତି ଥିବା କଥାକୁ ଏଡାଇ ଦିଆ ଯାଇନପାରେ।

## କୋକସରା-ଡୋକରୀଚଞ୍ଚରା ରାସ୍ତାରୁ ବାଦ୍ ପଡ଼ିଛି ଭୁର୍ଷାଗୁଡ଼ା



**କୋକସରା, ୧୮।୩(ସମିସ):** ଦେଶର ପ୍ରତ୍ନତାତ୍ତ୍ୱିକ ମାନଚିତ୍ରରେ ସ୍ଥାନ ପାଇଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାକୁ ଉତ୍ତମ ଯୋଗାଯୋଗ ଲକ୍ଷ୍ୟନେଇ ରାଜ୍ୟ ସରକାର ଏକ ସୁଦୀର୍ଘ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କୋକସରାଠାରୁ ମାଝୀଗୁଡା, ମହିମା, ଭୁର୍ଷାଗୁଡା, ଘଣ୍ଟିଗୁଡା ଏବଂ ଖଲିଗଡ଼ ରାସ୍ତାର ଉନ୍ନତିକରଣ ହୋଇ ଏହା ଡୋକରୀଚଞ୍ଚରାକୁ ସଂଯୋଗୀକରଣ କରିବ ବୋଲି ଉଲ୍ଲେଖ ରହିଛି। ଚଳିତ ବର୍ଷ ଫେବୃଆରୀ ୧୯ ତାରିଖରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଏହି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସହ କାର୍ଯ୍ୟାରମ୍ଭ କରିଥିଲେ। ବର୍ତ୍ତମାନ ଭୁର୍ଷାଗୁଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣରୁ ଭୁର୍ଷାଗୁଡା ଗାଁ ବାଦ ପଡ଼ିଛି। ଏହା ଏବେ ମହିମା-ଘଣ୍ଟିଗୁଡା ଦେଇ ନିର୍ମାଣ ହେଉଛି। ଗୁଡହାଣ୍ଡି ଡୋକରୀଚଞ୍ଚରା ପର୍ଯ୍ୟଟନ ଶିଳ୍ପରେ ଭୁର୍ଷାଗୁଡା ସାମିଲ ହୋଇ

**● ପୁନଃ ସଂଯୋଗ ପାଇଁ ଗ୍ରାମବାସୀଙ୍କ ନିବେଦନ**

ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାକୁ ଆଶାବାଦୀ ଥିବାବେଳେ ରାସ୍ତା ସଂଯୋଗୀକରଣରୁ ଏହି ଐତିହାସିକ ଗ୍ରାମ ବାଦ୍ ପଡ଼ିବାକୁ ନେଇ ସହଜରେ ଗ୍ରହଣ କରିପାରୁ ନାହାନ୍ତି ଅଞ୍ଚଳବାସୀ। ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଭୁର୍ଷିଗୁଡାର ନାଁ ଥିବାବେଳେ ବର୍ତ୍ତମାନ ଏହା ବାଦ୍ ପଡ଼ିବା ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଡୋକରୀଚଞ୍ଚରା ରାସ୍ତାରେ ଭୁର୍ଷାଗୁଡାକୁ ସଂଯୋଗ କରିବାକୁ ଦାବି କରି ଗ୍ରାମବାସୀ ସୋମବାର ଧର୍ମଗଡ଼ ରାସ୍ତା ଓ କୋଠା ନିର୍ମାଣ ବିଭାଗର କନିଷ୍ଠ ଯନ୍ତ୍ରୀ ନବ କିଶୋର ବେହେରାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ରାଜମୋହନ ଧ.ମାଝୀ, ଔରତ ମାଝୀ, ବନମାଳୀ ମାଝୀ, ଶିବାନ ମାଝୀ, କ୍ଷୀରୋଦ କୁମାର ନାଏକ, ଦୈତାରୀ ମାଝୀ, ସେନାପତି ନିଆଲ, ଗୋବର୍ଦ୍ଧନ ନାଏକ, ଧନସେ ମାଝୀ, ଜଗଦିଶ କୋଚିଆ, ଡମ୍ବରୁଧର ନାଏକ, ଲବ ମାଝୀ, ଅଶୋକ କୁମାର ନାଏକ, ତିଳ ଧ.ମାଝୀ, ଚୂଳେଶ୍ୱର ମାଝୀଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

**ଲିଫ୍ଟରେ ଫେରିବା କାଳ ହେଲା**

## ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ, ଚାଳକ ଗୁରୁତର

**ଭବାନୀପାଟଣା, ୧୮।୩(ସମିସ):** ଲିଫ୍ଟ ମାଗି ବାଇକରେ ଆସିବା କାଳହେଲା। କଳାହାଣ୍ଡି ଜିଲ୍ଲା ସୀମାନ୍ତ ଭବାନୀପାଟଣାଠାରୁ ରାୟଗଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ରାଜ୍ୟ ୬ନଂ ରାଜପଥ

**● ବାଇକ୍‌କୁ ଧକ୍କାଦେଲା ଟ୍ରକ୍**

ମୁନିଗୁଡା ଥାନା ଅନ୍ତର୍ଗତ ଖୁଣ୍ଟବାଡି ଗ୍ରାମ ନିକଟରେ ବାଇକକୁ ପଛପଟୁ ଟ୍ରକ ଧକ୍କା ଦେବାରୁ ବାଇକରେ ବସିଥିବା ପାତ୍ରଗୁଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ଦୀପ୍ତି କାନ୍ଧପାଣିଙ୍କ ଘଟଣାସ୍ଥଳରେ ମୃତ ଘଟିଛି। ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପୁଲିସ ମୁନିଗୁଡା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଗୁରତର ଅବସ୍ଥାରେ ତାଙ୍କୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୋମବାର ମୁନିଗୁଡା ବ୍ଲକ ରାଣୀପିଣ୍ଡା ଗ୍ରାମର ଭଗବାନ ଦଣ୍ଡସେନା ମୁନିଗୁଡାରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଲାଞ୍ଜିଗଡ଼ ସୀମାନ୍ତ ଅସୁରପଡ଼ାକୁ ଯିବା ପାଇଁ ପାତ୍ରଗୁଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ



ଦୀପ୍ତି ସ୍କୁଲ ନିକଟରୁ ଲିଫ୍ଟ ମାଗି ବାଇକ୍‌ରେ ଫେରୁଥିଲେ। ହେଲେ ଖୁଣ୍ଟବାଡି ଗ୍ରାମ ନିକଟରେ ବାଇକୁ ପଛପଟୁ ଏକ ଟ୍ରକ ଧକ୍କା ଦେବାରୁ ବାଇକରେ ବସିଥିବା ହାଇସ୍କୁଲ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ଭବାନୀପାଟଣା-ରାୟଗଡ଼ା ଜିଲ୍ଲା ସଂଯୋଗ କରୁଥିବା ୬ ନଂ ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ମୁନିଗୁଡା ଓ ଅମ୍ବାଦଳା ପୁଲିସ ପହଁଚି ତଦନ୍ତ କରିଛି।

## ପୋଲିଂ ଅଧିକାରୀଙ୍କ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ



**କେସିଙ୍ଗା, ୧୮।୩(ସମିସ):** ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଜୋରଦାର ହୋଇଛି। ସୋମବାର ସ୍ଥାନୀୟ କେସିଙ୍ଗା ମହାବିଦ୍ୟାଳୟରେ ନିର୍ବାଚନ ପାଇଁ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୧୪୭ ଜଣଙ୍କୁ ତାଲିମ ଦିଆଯାଇଥିବା ବେଳେ ବାକି ଦୁଇ ଦିନରେ ସର୍ବମୋଟ ପ୍ରାୟ ୪୫୦ ଅଧିକାରୀଙ୍କୁ ତାଲିମ ଦିଆଯିବ ବୋଲି ବ୍ଲକ ଅଫିସ ପକ୍ଷରୁ କୁହାଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ତହସିଲଦାର ପ୍ରଶାନ୍ତି ପ୍ରଧାନ, ବିଡ଼ିଓ ପଦ୍ମନାଭ ପୁରୋହିତ, ଏବିଡ଼ିଓ ସିଦ୍ଧେଶ୍ୱର ମେହେର, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ, ଡିଜି ଲମ୍ବୋଦର ଶିଖାଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜେଡି ନେତାଙ୍କୁ ଶିକ୍ଷକଙ୍କ ଗାଳିଗୁଲଜ

**କେସିଙ୍ଗା, ୧୮।୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତର ଦେଓଗାଁଠାରେ ବିଜେଡିର ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ ଏକ ସଭାରେ ଥିବା ବେଳେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟାଙ୍କ ସ୍ୱାମୀ ଯିଏକି ଜଣେ ସରକାରୀ ଶିକ୍ଷକ ସେ ନିଶାଶକ୍ତ ଅବସ୍ଥାରେ ଚାରି ପାଞ୍ଚ ଜଣ ଅନୁଗତଙ୍କୁ ଧରି ଗଣ୍ଡଗୋଳ କରିଥିବା ଅଭିଯୋଗ ହୋଇଛି। ସୋମବାର ଉଭୟ ପକ୍ଷ କେସିଙ୍ଗା ଥାନାକୁ ଆସି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଶିକ୍ଷକ ଜଣଙ୍କ କ୍ଷମାପ୍ରାର୍ଥନା କରି ଭବିଷ୍ୟତରେ ଆଉ କେବେ ଏମିତି କାମ କରିବି ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି।

**● ତଞ୍ଚକତା କରି କେସିସି ଋଣ ଟଙ୍କା ହଡପ**

## ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ୫୭ ଚାଷୀ



**ବେହେରା, ୧୮।୩(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ କୀର୍କାକାନୀ ଗ୍ରାମର ୫୭ ଜଣ ଚାଷୀ କେସିସି ଋଣ ଟଙ୍କା ନେଇ ଠକେଇର ଶିକାର ହୋଇଛନ୍ତି। ଏନେଇ ସୋମବାର ଧର୍ମଗଡ଼ ଥାନା ଓ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ସୂଚନା ମତେ କନାଗାଁର ଦେବେନ୍ଦ୍ର ନାଏକ ଓ କୀର୍କାକାନୀ ଗ୍ରାମର ଫକୀର ମଙ୍ଗରାଜ ୨୦୨୦/୨୧ ମସିହାରେ ଧର୍ମଗଡ଼ ଷ୍ଟେଟବ୍ୟାଙ୍କରେ ଋଣ କରାଇ ଦେବାପାଇଁ କହିଥିଲେ। ପରେ ତାଙ୍କଠାରୁ ଡକ୍ୟୁମେଣ୍ଟ ସବୁ ସଂଗ୍ରହ କରି ୫୭ଜଣଙ୍କ ନାମରେ ଋଣ ମଞ୍ଜୁର କରିଥିଲେ ଓ ପ୍ରତ୍ୟେକ ଲୋକଙ୍କୁ ୧୦ହଜାର ଲେଖାଏଁ ଟଙ୍କା ଦେଇଥିଲେ। ବର୍ତ୍ତମାନ ବ୍ୟାଙ୍କରୁ ଋଣ ଟଙ୍କା ଜମା କରିବା ପାଇଁ କହିବାରୁ ଜାଣିବାକୁ ପାଇଲେ ପ୍ରତ୍ୟେକ ଲୋକଙ୍କ ନାମରେ ୫୦ରୁ ୬୦ ହଜାର ଟଙ୍କା ଲେଖାଏଁ ଋଣ ମଞ୍ଜୁର କରି ତଞ୍ଚକତା କରି ଏହି ଏଜେଣ୍ଟ ଦୁହେଁ ଠକେଇ କରିଥିବା ଆବେଦନକାରୀ କହିଛନ୍ତି। ବର୍ତ୍ତମାନ ଏହି ଋଣ ଟଙ୍କା ଜମା କରିଦେବା ପାଇଁ ସେମାନଙ୍କୁ କହିବାରୁ ସେମାନେ ସିଧାସଳଖ ମନା କରି ଦେଉଛନ୍ତି ଓ ଗାଳିଗୁଲଜ କରୁଛନ୍ତି ବୋଲି ଠକେଇର ଶିକାର ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି। ଏନେଇ ହୀରାମତି ମହାନନ୍ଦ, ଦିଗାମ୍ବର ହରିଜନ, ନିରା ହରିଜନ, ମାଣିକ୍ୟ ମାଝୀ, ଗଜାନନ ମହାନନ୍ଦ, ଚମ୍ପା ମାଝୀ, ଭାରତ ସୁନାନୀ, ତୁଳଶୀ ମାଝୀ, ଚନ୍ଦ୍ର ମହାନନ୍ଦ ପ୍ରମୁଖ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାର ଉଚିତ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଜିଲ୍ଲାପାଳ ଧୀମାନ ଚକମା କହିଛନ୍ତି।

# ଦେବଦୂତ ସାଜିଲା ବିଜୁ ସ୍ୱାସ୍ଥ୍ୟ ବୀମା, ହେଲେ ଦୁଃଖ ଯାଇନି

**ଧର୍ମଗଡ଼, ୧୮।୩(ସମିସ):** ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସାଧାରଣ ଲୋକଙ୍କ ପାଇଁ ଦେବଦୂତ ସାଜିଛି। ଗରିବ ଲୋକ ଏହି ସ୍ୱାସ୍ଥ୍ୟ ବୀମା ମାଧ୍ୟମରେ ଉନ୍ନତ ଧରଣର ଚିକିତ୍ସା ସେବା ପାଉଥିବା ବେଳେ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ବିନୋଦ ବାରିକ (୫୪) ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ମାଧ୍ୟମରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି ସତ ହେଲେ ଏବେ ବି ସରକାରୀ ସହାୟତାର ଆବଶ୍ୟକ ପଡ଼ିଛି। ସେ ଗରିବ ଶ୍ରେଣୀର ହୋଇଥିବା ବେଳେ ବାରିକ ବୃତ୍ତି କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଧର୍ମଗଡ଼ ସହର ମଧ୍ୟରେ ଖଣ୍ଡେ ଛୋଟ ସେଲୁନ ଖୋଲିଛନ୍ତି। ସକାଳ ପାହିଲେ ଖଣ୍ଡେ ଭଙ୍ଗା ସାଇକଲ ଧରି ୧୫କିମି ଦୂର ଧର୍ମଗଡ଼କୁ ଯାଇ ନିଜ ବୃତ୍ତିରେ ଯାହା ଦୁଇ ପଇସା ରୋଜଗାର କରନ୍ତି ସେଥିରେ ଚାରି କୁଟୁମ୍ବର କଷ୍ଟେମଷ୍ଟେ ଚଳି ଯାଆନ୍ତି। ଆଜକୁ ୧୫ବର୍ଷ ତଳେ ହଠାତ ତାଙ୍କ ଡାହାଣ ଗୋଡ଼ ପାଦ ଫୁଲିବାକୁ ଲାଗିଲା। ପାଖ ଆଖ ଡାକ୍ତରଖାନାରେ ଚିକିତ୍ସିତ ହେଲେ। ରୋଗ ନ କମିବାରୁ ଶେଷରେ ଘରର ସୁନା ଗହଣା ଓ ଜମି ବନ୍ଧା ପକେଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ହୋଇଥିଲେ। କେତେଦିନ ବେଶ ଭଲ ହୋଇ ନିଜ ବୃତ୍ତିକୁ ଯିବା ଆସିବା କଲେ। ହେଲେ ୨୦୨୨ମସିହାରୁ ପୁଣି ଗୋଡ଼ ପାଦ ଫୁଲିବା ଆରମ୍ଭ ହୋଇଥିଲା। ଧାର କରଜ କରି ପାଖ ଆଖ ଡାକ୍ତରଙ୍କୁ ଦେଖାଇଲେ। ଉନ୍ନତ ଧରଣ ଚିକିତ୍ସା ପାଇଁ ବିଶାଖାପାଟଣା ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ଗରିବ ହୋଇଥିବାରୁ ଏତେ ଅର୍ଥ କେମିତି



ଯୋଗାଡ଼ କରିବ ସେ ଚିନ୍ତାରେ ପଡ଼ିଯାଇଥିଲେ ପରିବାର। ଏହି ସମୟରେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବୀମା କାର୍ଡ ତାଙ୍କ ପାଇଁ ଦେବଦୂତ ସାଜିଥିଲା। ବିଶାଖାପାଟଣାର କନକ ଦୁର୍ଗା ଡାକ୍ତରଖାନାରେ ଭର୍ତ୍ତି ହୋଇ ଡାକ୍ତରଙ୍କ ପରାମର୍ଶ କ୍ରମେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ତେବେ ତାଙ୍କ ଗୋଡକୁ କାଟିବା ବ୍ୟତୀତ କୌଣସି ଉପାୟ ନ ଥିବା ଡାକ୍ତର କହିଥିଲେ। ଫଳରେ ଶେଷରେ ଗୋଡ଼ କଟା ଯାଇଥିଲା। ଏବେ ସେ ବିକଳାଙ୍ଗ ପାଲଟି ଯାଇଛନ୍ତି। ଅନ୍ୟପଟେ ସେହି ଦିନ ଠାରୁ ପରିବାର ଉପରେ ଦୁଃଖର ବାଦଲ ଘୋଟି ଯାଇଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବିନୋଦ ଗୋଡ଼ ହରାଇଥିବା ଦିନଠୁ ପରିବାରର ଦୁର୍ଦ୍ଦଶା ବଢ଼ି ଚାଲିଛି। ସ୍ୱାମୀଙ୍କ ଗୋଡ଼ ଯାଇନି ବରଂ ପରିବାରର ସୁଖକୁ ଦଇବ ଛଡେଇ ନେଇଛି ବୋଲି ସ୍ତ୍ରୀ କନକ ବାରିକ କହନ୍ତି। ଅନ୍ୟପଟେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ମୋ ପାଇଁ ଦେବଦୂତ ସାଜିଛି ସତ ହେଲେ ଦୁର୍ଦ୍ଦଶା ବଢ଼ିବାରେ ଲାଗିଥିବା କୁହନ୍ତି ବିନୋଦ। ଖବର ପାଇଁ ପର୍ଲା ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ପଞ୍ଚାୟତ ସ୍ତରରେ ଯାହା ସବୁ ସୁବିଧା ଯୋଗାଇ ହେବ ତୁରନ୍ତ ବ୍ୟବସ୍ଥା କରାଯିବାକୁ ପରିବାରକୁ ଆଶ୍ୱାସନା ଦେଇଛନ୍ତି। ଅନ୍ୟପଟେ ବିକଳାଙ୍ଗ ଭତ୍ତା ଓ ତିନିଚକିଆ ଇଞ୍ଜିନ ଚାଳିତ ସାଇକେଲ ଯୋଗାଇବାକୁ ସରପଞ୍ଚ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଥିବା ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅତ୍ୟାଧୁନିକ ଭ୍ରାମ୍ୟମାଣ ବସ୍‌ରେ ରକ୍ତଦାନ ଶିବିର

**ନର୍ଲା, ୧୮।୩(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ସହରରେ ସୋମବାର ସକାଳ ୧୦ ଘଣ୍ଟା ସମୟରେ ଏକ ଭ୍ରାମ୍ୟମାଣ ଅତ୍ୟାଧୁନିକ ବହୁମୁଖି ସେବା ଉପଲବ୍ଧ ବସ ଭିତରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନର୍ଲା, ନର୍ଲାରୋଡ଼, ମାଣ୍ଡେଲ ପ୍ରଭୃତି ଅଞ୍ଚଳର ବହୁ ବଦାନ୍ୟ ବ୍ୟକ୍ତି ଓ ମହିଳାମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ଏହି



ଭ୍ରାମ୍ୟମାଣ ରକ୍ତଦାନ ଶିବିରକୁ କଳାହାଣ୍ଡି ଜିଲ୍ଲାରେ ପ୍ରଥମ କରି ଏହି ସେବା ନର୍ଲା ଅଞ୍ଚଳର ଜଣେ ସମାଜସେବୀ ଶାନ୍ତି ମାଝୀ ଓ ଚାଳକ ସଂଘର ମିଳିତ ଉଦ୍ୟମରେ ଆୟୋଜନ କରାଇଥିବା ଜଣାପଡ଼ିଛି। ଏହି ଶବିରରେ ପ୍ରାୟ ୪୦ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିବା ସୂଚନା ରହିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୀବ କୁମାର ମହାକୁଡ଼, ଗିରୀଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ୨୩ରୁ ଟୋଲବ୍ରାହ୍ମଣୀରେ ପ୍ରସିଦ୍ଧ ମହିମା ମେଳା ମହୋତ୍ସବ

**ନର୍ଲା, ୧୮।୩(ସମିସ):** ନର୍ଲା ବ୍ଲକ ଶରିଆ ପଞ୍ଚାୟତ ଟୋଲବ୍ରାହ୍ମଣୀ ସ୍ଥିତ ସିଦ୍ଧ ରତ୍ନ କୁଟୀରଠାରେ ଆସନ୍ତା ୨୩ ତାରିଖ ଶନିବାର ଠାରୁ ୬୬ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ ଅନୁଷ୍ଠିତ ହେବ। ପରମ୍ପରାନୁଯାୟୀ ଫାଲଗୁନ ଶୁକ୍ଳପକ୍ଷ ତ୍ରୟୋଦଶୀ ଠାରୁ ତିନି ଦିନ ଧରି ସିଦ୍ଧ ରତ୍ନ କୁଟୀରରେ ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଅନୁଷ୍ଠିତ ହେବାର ସୂଚନା ଆବାହକ ତଥା ଯଜ୍ଞକର୍ତ୍ତା ବୈଦ୍ୟରାଜ ପବିତ୍ର ଶବର ସୂଚନା ଦେଇଛନ୍ତି। ସିଦ୍ଧ ଗୁରୁ ସନ୍ଥ କବି ଭୀମଭୋଇଙ୍କ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କିବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ନୀତିରେ ଅନୁପ୍ରାଣିତ ଏହି ଧର୍ମାବଲମ୍ବୀମାନଙ୍କ ସାଧାରଣ ଓ ନିଷ୍କପଟ ଜୀବନଚର୍ଯ୍ୟା ଆଜିର ସମାଜରେ ନିଶ୍ଚିତ ଭାବରେ ପ୍ରେରଣାଦାୟୀ ହୋଇଆସିଛି। ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ନା ଅଛି ଆଶା ନା ଅଛି ମୋହମାୟା। ଏହି ଧର୍ମାବଲମ୍ବୀଙ୍କ ସଂଖ୍ୟା କମ୍ ଥିଲେ ବି ଏମାନଙ୍କ ମଧ୍ୟରେ ଶୋଚନା ନାହିଁ। ନିଜର ଧର୍ମଚର୍ଯ୍ୟା ଓ ସମାଜସେବାରେ ଏମାନଙ୍କର ସମଗ୍ର ଜୀବନ ଉତ୍ସର୍ଗୀକୃତ ରହିଆସିଛି। ଉଦ୍ୟୋକ୍ତା ତଥା ଯଜ୍ଞକର୍ତ୍ତା



ବୈଦ୍ୟରାଜ ପବିତ୍ର ଶବର ଏହି ଧାରାରେ ଅବିଚଳିତ ଭାବରେ ପାରମ୍ପରିକ ଉପଚାରରେ କ୍ୟାନ୍ସର ପରି ଅନେକ ରୋଗୀଙ୍କର ଉପଚାର କରିଆସୁଛନ୍ତି। ତାଙ୍କର ଏହି ବିଚାରଧାରା ଯୋଗୁଁ ସେ ଅନେକ ମଞ୍ଚରେ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ମଧ୍ୟ ସମ୍ମାନିତ ହୋଇସାରିଛନ୍ତି। କାର୍ଯ୍ୟକ୍ରମର ସଫଳତା ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ସୌରଚାଳିତ ଜଳ ପ୍ରକଳ୍ପ ୬ମାସ ଧରି ଅଚଳ

**କୋକସରା, ୧୮।୩(ସମିସ)**

ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ଓ ମରାମତି ଅଭାବ କାରଣରୁ ଦୀର୍ଘ ୬ମାସରୁ ଊର୍ଦ୍ଧ୍ୱ ହେବ ଅଚଳାବସ୍ଥାରେ ରହିଛି କୋକସରା ବ୍ଲକ ଖଲିଗଡ଼ ପୁଝାରୀପଡ଼ା ରାସ୍ତା କଡ଼ରେ ଥିବା ସୌରଚାଳିତ ଜଳ ପ୍ରକଳ୍ପ। ଉକ୍ତ ପ୍ରକଳ୍ପକୁ ମରାମତି କରିବା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନଙ୍କୁ ଅବଗତ କରାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପ୍ରକଳ୍ପ ମରାମତି ହୋଇ ପାରିନାହିଁ। ଏହି ରାସ୍ତା ଦେଇ ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ସଂଯୋଗ କରୁଛି। ଏଥିପାଇଁ ପ୍ରତିଦିନ ରାସ୍ତାରେ ଅନେକ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ତେବେ ପାନୀୟ ଜଳ ପ୍ରକଳ୍ପ ଅଚଳ ଯୋଗୁଁ ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଯାତ୍ରୀ ପିଇବା ପାଣି ମୁନ୍ଦାଏ ପାଇଁ ଅସୁବିଧା



ଭୋଗୁଛନ୍ତି। ଏହା ବ୍ୟତୀତ ପଡ଼ାବାସୀ ମଧ୍ୟ ପାନୀୟ ଜଳ ପାଇଁ ଅନେକ ହଇରାଣ ହରକତ ହେଉଛନ୍ତି। ବର୍ତ୍ତମାନ ଖରା ଦିନ ଆରମ୍ଭ ହେଇଥିବା ବେଳେ ଆଗକୁ ଗୁଡହାଣ୍ଡି ଡୋକରୀ ଚଞ୍ଚରା ମହୋତ୍ସବ ମଧ୍ୟ ରହିଛି। ତେଣୁ ଦୀର୍ଘ ଦିନରୁ ଅଚଳ ରହିଥିବା ଏହି ସୌରଚାଳିତ ଜଳ ପ୍ରକଳ୍ପକୁ ମରାମତି ନ କଲେ ଆଗକୁ ପାନୀୟ ଜଳ ପାଇଁ ଲୋକେ ଅନେକ ହଇରାଣ ହରକତ ହେବା ଆଶଙ୍କା ରହିଛି। ତେଣୁ ଅଚଳ ପାନୀୟ ଜଳ ପ୍ରକଳ୍ପକୁ ତୁରନ୍ତ ମରାମତି କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତୀ ଭୋଇଙ୍କ ମତାମତ ନେବାରୁ ସେ କହିଥିଲେ ଯେ ମେକାନିକଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। କିଛି ଆବଶ୍ୟକ ସାମଗ୍ରୀର ଆବଶ୍ୟକତା ରହିଛି। ତୁରନ୍ତ ମରାମତି କରାଯିବ ବୋଲି କହିଛନ୍ତି।

## ପଶ୍ଚିମ ଓଡ଼ିଶା କୁମ୍ଭକାର ମହାସଂଘ ସମ୍ମିଳନୀ



**ଶଗଡ଼ା, ୧୮ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଶ୍ରୀମାଲ ଗ୍ରାମରେ ଆଞ୍ଚଳିକ କୁମ୍ଭକାର ସଂଘ ଆମ୍ବଗାଁର ଆହ୍ୱାନ କ୍ରମେ ପଶ୍ଚିମ ଓଡ଼ିଶା କୁମ୍ଭକାର କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲା ସଭାପତି ହରିହର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମ ଓଡ଼ିଶା କୁମ୍ଭକାର ମହାସଂଘ ସଭାପତି ସୁଶୀଳ ରଣା ଏବଂ ବିଶ୍ୱନାଥ ରଣା, ଓକିଲ ଶେଷଦେବ ରଣା, ନନ୍ଦିକିଶୋର ରଣା, ଇନ୍ଦ୍ରରାଜ ରଣା, ଓମ୍‌ପ୍ରକାଶ ରଣା, ଶେଷଦେବ ରଣା ଏବଂ ଅନୁଗୋଳ ଜିଲ୍ଲା ସଭାପତି ପିତାମ୍ବର ପାଣ୍ଡେ, ଲଳିତ ପାଣ୍ଡେ, କୁଶଳେଶ୍ୱର ରଣା, ପିନାକ ରଣା, ଆଇନଜୀବୀ ସୁରେଶ ଚନ୍ଦ୍ର ରଣା, ଆମ୍ବଗାଁ ଗୌନ୍ତିଆ ମୋତିଲାଲ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ମୋତିଲାଲ ରଣା ଧନ୍ୟବାଦ ଦେଇଥିଲେ।

# ସୌନ୍ଦର୍ଯ୍ୟ ବଢ଼ାଉଛି ନୀତିବାଣୀ ସହ ମହାପୁରୁଷଙ୍କ ଛବି

ସୋନପୁର, ୧୮ ।୩(ସମିସ)





ପାଚେରିରେ ଆଖି ଅଟକି ଯାଉଛି

ରାଜ୍ୟର କେଉଁ କବି କିମ୍ବା ଲେଖକଙ୍କ କଥା କହିଲେ ପିଲାମାନଙ୍କୁ ତାଙ୍କ ଫଟୋ ବା ଚିତ୍ର ଦେଖାଇବା ପାଇଁ ଅଡୁଆ ହୋଇ ଯାଉଥିଲା। ଅଭିଭାବକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଇଣ୍ଟରନେଟ୍‌ରୁ ଖୋଜି ଛୁଆଙ୍କୁ ମହାନ ବ୍ୟକ୍ତି ବିଶେଷଙ୍କ ଫଟୋ ଦେଖାଉ ଥିଲେ। ଏବେ କିଛି ଶିକ୍ଷାନୁଷ୍ଠାନରେ ଯେଉଁମାନଙ୍କ ପାଇଁ ଆମେ ଗର୍ବ କରୁ ସେମାନଙ୍କ ଚିତ୍ର ଚିତ୍ର ଝଲସୁଛି। ଏହି ଚିତ୍ର ସବୁ ଅନେକ କଥା ବଖାଣୁଛି। ଛାତ୍ରଛାତ୍ରୀ ଏହି ମହାପୁରୁଷମାନଙ୍କ ଅବଦାନ ସମ୍ପର୍କରେ ଜାଣି ପାରୁଛନ୍ତି। ଆଦର୍ଶ ସ୍କୁଲ୍ ସମ୍ମୁଖରେ ବୀର ସୁରେନ୍ଦ୍ର ସାଏ, ଉତ୍କଳମଣି ଗୋପବନ୍ଧୁ ଦାସ, ସ୍ୱଭାବ କବି ଗଙ୍ଗାଧର ମେହେର, ପଦ୍ମଶ୍ରୀ ହଳଧର ନାଗ ପ୍ରମୁଖଙ୍କ ଫଟୋ ଅଙ୍କା ଯାଇଛି। ତେବେ ଫଟୋ ଚିତ୍ର ସହ କାନ୍ଥରେ ଲେଖା ଯାଇଥିବା ସନ୍ଥ କବି ଭୀମ ଭୋଇଙ୍କ ବାଣୀ ଖୁବ୍ ଆକର୍ଷଣୀୟ ହୋଇଛି। ସେହିପରି ମହାରାଜା ହାଇସ୍କୁଲ କାନ୍ଥରେ ଏହି ମାଟିରେ ଜନ୍ମିତ ଦୁଇ ମହାନ ବ୍ୟକ୍ତି ଅଭିନେତା ଅଟଳ ପଣ୍ଡା ଏବଂ କବି ସତ୍ୟନାରାୟଣ ବହିଦାରଙ୍କ ଚିତ୍ର ଦେଖି ଛାତ୍ରଛାତ୍ରୀ ତାଙ୍କ ବିଷୟରେ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ କାନ୍ତକବି ଲକ୍ଷ୍ମୀକାନ୍ତ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଆଦିଙ୍କ ଫଟୋ ମଧ୍ୟ ଏଠାରେ ସ୍ଥାନିତ ହୋଇଛି। ସେହିପରି ଉପ କାରାଗାର ନିକଟରେ ନବ ନିର୍ମିତ ହେରିଟେଜ୍ ପାର୍କ କାନ୍ଥରେ ଅଙ୍କା ଯାଇଥିବା ଚିତ୍ର ଆହୁରି ମନଲୋଭା ହୋଇଛି। କାନ୍ଥରେ ଝଲସୁଛି ସୁବର୍ଣ୍ଣମେରୁ, ରାମେଶ୍ୱର, ଲଙ୍କେଶ୍ୱରୀ ଆଦି ମନ୍ଦିରର ଚିତ୍ର। ପ୍ରବେଶ ପଥ ନିକଟ ଖଲିଆପାଲିରେ ଥିବା ଭୀମ ଭୋଇଙ୍କ ସମାଧି ମନ୍ଦିରର ଚିତ୍ର ଅଙ୍କା ହୋଇଛି। ପାଟବସ୍ତ୍ର ଏବଂ ବିଦେଶାଗତ ପକ୍ଷୀଙ୍କ ଯୋଗୁଁ ସୁବର୍ଣ୍ଣପୁରକୁ ଆସୁଥିବା ପର୍ଯ୍ୟଟକ ଏହି ଚିତ୍ର ଦେଖି ଖୁବ୍ ଖୁସି ହେଉଛନ୍ତି। ତେବେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର କାନ୍ଥ ଏବେ ମଧ୍ୟ ଅସୁନ୍ଦର ଭାବେ ପଡ଼ି ରହିଛି। ଆଦର୍ଶ ସ୍କୁଲ୍‌ର କାନ୍ଥ ଆକର୍ଷଣୀୟ ଦେଖା ଯାଉଥିବା ବେଳେ ଏହାକୁ ଲାଗି ରହିଥିବା ଏସ୍‌ଟି ସ୍କୁଲ୍ ଏବଂ ଡିପିଇପି କାର୍ଯ୍ୟାଳୟର କାନ୍ଥ ଖୁବ୍ ଅସୁନ୍ଦର ଦେଖା ଯାଉଛି। ସେହିଭଳି ସବ୍ ଜେଲ୍, ଏସ୍‌ଡିପିଓ ଅଫିସ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟର କାନ୍ଥରେ ଏଭଳି ବିଭିନ୍ନ ଚିତ୍ର ଆଙ୍କି ସହରକୁ ଆହୁରି ଆକର୍ଷଣୀୟ କରାଯାଇପାରିବ। କାନ୍ଥରେ କବି ଚନ୍ଦ୍ରମଣି ଦାସ, ମହାରାଜା ବୀରମିତ୍ର ସିଂହଦେଓ, ରାମଚନ୍ଦ୍ର ମଲ୍ଲିକ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ସବ୍ୟସାଚୀ ମହାପାତ୍ର, ପଦ୍ମଶ୍ରୀ ନୀଳମାଧବ ପଣ୍ଡା ପ୍ରମୁଖଙ୍କୁ ସ୍ଥାନିତ କରାଯାଇପାରିବ।

## ନୂର୍ପାରେ ୨୪ ପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



**ମନମୁଣ୍ଡା, ୧୮ ।୩(ସମିସ):** ମନମୁଣ୍ଡା ପଞ୍ଚାୟତ ନୂର୍ପା ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନାମଯଜ୍ଞ କମିଟି ସଭାପତି ଶିବନାରାୟଣ ଚୌଳିଆଙ୍କ ନେତୃତ୍ୱରେ ଶତାଧିକ ଶ୍ରଦ୍ଧାଳୁ ମନମୁଣ୍ଡା ବାବା ସୁବର୍ଣ୍ଣମେରୁ ତେଲନଦୀ ଘାଟରୁ କଳସ ଶୋଭାଯାତ୍ରାରେ ବହାରି ମଣ୍ଡପରେ ପହଞ୍ଚି ଥିଲେ। ସେଠାରେ ଜ୍ୟୋତି ରଞ୍ଜନ ପଣ୍ଡା ପୂଜାପାଠ କରିଥିଲେ। ରତନ ପଟ୍ଟନାୟକ, ତାଙ୍କ ପତ୍ନୀ ସବିତା, ଅଶୋକ ପଟ୍ଟନାୟକ ତାଙ୍କ ପତ୍ନୀ ବିଜୟା ଏବଂ ପ୍ରଶାନ୍ତ ବିଶି ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳି କର୍ତ୍ତା ଭାବେ ସଂକଳ୍ପ ନେଇଥିଲେ। କମିଟି ସମ୍ପାଦକ ହରିହର ପ୍ରଧାନ, ଯୁଗ୍ମ ସମ୍ପାଦକ ରାଜୁ ବେହେରା, ସଭ୍ୟ ପ୍ରଦୀପ ପଟ୍ଟନାୟକ, ରାକେଶ ମଲ୍ଲିକ, ରାଧା ମାଧବ ବାଘ, ପ୍ରକାଶ ମଲ୍ଲିକ, ୱାର୍ଡସଭ୍ୟ ରାଧୁ ତରିଆ, ଚିତ୍ତ ତରିଆ ପ୍ରମୁଖ ସହଯୋଗ କରିଥିଲେ। ଏହି ନାମଯଜ୍ଞ ୩ ଦିନ ଧରି ଚାଲିବ।

## ଛାତ୍ର ଖାଦ୍ୟ ଛୁଇଁଦେବାରୁ ଫୋପାଡ଼ିବା ଘଟଣା | ୨୧ରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରଉ

■ ବାକି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଶଗଡ଼ା, ୧୮ ।୩ (ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ସଦର ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ର ଛୁଇଁଦେବାରୁ ଫୋପାଡିବା ଘଟଣା ଦିନକୁ ଦିନ ଜଟିଳ ହେଉଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ଶିକ୍ଷୟିତ୍ରୀ ନିଲମ୍ବିତ ହୋଇଛନ୍ତି। ଏହା ସତ୍ତ୍ୱେ ବିବାଦ ଥମୁନି। ଘଟଣା ଦିନ ସେଠାରେ ଉପସ୍ଥିତ ଅନ୍ୟ ୨ ଜଣ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନି। ଏଣୁ ଅସନ୍ତୋଷ ବଢୁଛି। ଏହାକୁ ନେଇ ୨୧ରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବାକୁ ଚେତାବନୀ ଦିଆଯାଇଛି।

ଚଳିତ ବର୍ଷ ସରସ୍ୱତୀ ପୂଜା ଭୋଜିରେ ଦଶମ ଶ୍ରେଣୀ ଛାତ୍ର ତଥା ଯୋଗିନ୍ଦ୍ରପୁର ଗ୍ରାମର ଅନନ୍ତରାମ ହରିପାଲଙ୍କ ପୁଅ ଡାଲି ଓ ଖଟା ବାଲଟି ଛୁଇଁ ଦେଇଥିଲେ। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ବିଜ୍ଞାନ ଶିକ୍ଷକ ମନୋଜ ସାହୁଙ୍କ ଉପସ୍ଥିତିରେ ସଂସ୍କୃତ ଶିକ୍ଷୟତ୍ରୀ ଅନୁସୟା ଦେବୀ ଏହି ଖାଦ୍ୟ ଫୋପାଡି ଦେଇଥିଲେ। ଏହି ଘଟଣାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ଦେଖା ଦେଇଥିଲା। ପର ଦିନ ଅନନ୍ତରାମ ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ କରିଥିଲେ।

ପ୍ରଧାନ ଶିକ୍ଷକ ଏହାର ଆପୋଷ ସମାଧାନ କରିବାକୁ ଚେଷ୍ଟା କରୁଥିବା ବେଳେ ସମ୍ପୃକ୍ତ ଶିକ୍ଷୟିତ୍ରୀ ଛାତ୍ରଙ୍କ ବାପା, ମାଆଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଅନନ୍ତରାମ ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦର କର୍ମକର୍ତ୍ତାଙ୍କ ସହାୟତାରେ ମନମୁଣ୍ଡା ଥାନାର ଦ୍ୱାରସ୍ଥ ହୋଇଥିଲେ। ଘଟଣାକୁ ନେଇ ଜିଲ୍ଲା ପାଣ-ଗଣ୍ଡା ବିକାଶ ପରିଷଦର ସମ୍ପାଦକ ସୁଧାଂଶୁ ଡାଙ୍ଗ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦରା କୁଜୁ ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ଓ କଣ୍ଟାମାଳ ବ୍ଲକ ଶିକ୍ଷାଧିକାରୀ ସନୋଜ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ଅଧିକାରୀଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ କୁଜୁର ସମ୍ପୃକ୍ତ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ନିଲମ୍ବିତ କରିଥିଲେ; ହେଲେ ଆଉ ୨ ଜଣ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାକୁ ନେଇ ପାଣ ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ୨୧ ତାରିଖ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଭତ୍ତାଧାରୀଙ୍କୁ ତଡ଼ିଦେଲେ ବାଉଁଶୁଣି ପଞ୍ଚାୟତ କର୍ମଚାରୀ

**ବାଉଁଶୁଣି, ୧୮ ।୩(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣି ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ନେବାକୁ ଆସିଥିବା ହିତାଧିକାରୀ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି। କେତେକ କର୍ମଚାରୀ ସେମାନଙ୍କୁ ତଡ଼ି ଦେଇଥିଲେ। ଏଣୁ ଏହାକୁ ନେଇ ସେମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ସେମାନେ ଏହାର ପ୍ରତିବାଦ କରିଛନ୍ତି। ଭତ୍ତାଧାରୀ ପ୍ରତ୍ୟେକ ମାସ ୧୫ ତାରିଖରେ ପାଇବାକୁ ଥିବା ଭତ୍ତା ଟଙ୍କା ପାଇଁ ବାଉଁଶୁଣି ପଞ୍ଚାୟତ ଆସି ନିରାଶ ହୋଇ ଫେରୁଛନ୍ତି। ସୋମବାର ହିତାଧିକାରୀମାନେ ପୁଣି ବାଉଁଶୁଣି ପଞ୍ଚାୟତକୁ ଆସିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇ ଅଫିସରେ ଅନୁପସ୍ଥିତ ଥିବାରୁ ତାଙ୍କୁ ଭେଟିବାକୁ ଭତ୍ତାଧାରୀ ପଞ୍ଚାୟତ ଫାଟକ ଭିତରେ ଅପେକ୍ଷା କରିଥିଲେ; ହେଲେ ପଞ୍ଚାୟତ ଅଫିସର କେତେକ କର୍ମଚାରୀ ଭତ୍ତାଧାରୀଙ୍କୁ ପଞ୍ଚାୟତ ଗେଟ୍ ବାହାରକୁ ବାହାର କରି ଦେଇଥିଲେ। ଏହାକୁ ନେଇ ଭତ୍ତାଧାରୀ ପ୍ରତିବାଦ କରିଥିଲେ। ତେବେ ଏ ବିଷୟରେ ବୁଝିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରହ୍ଲାଦ ଭୋଇଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

## ଘରବାରିକୁ ନେଇ ଗଣ୍ଡଗୋଳ

**ମନମୁଣ୍ଡା, ୧୮ ।୩(ସମିସ):** ଘରବାରିକୁ ନେଇ ମନମୁଣ୍ଡାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ମନମୁଣ୍ଡା ଥାନା ଛକରେ ସନ୍ତୋଷ ଅଗ୍ରୱାଲ, ସଞ୍ଜୀବ ଅଗ୍ରୱାଲ ଏବଂ ଦୀପକ ଅଗ୍ରୱାଲଙ୍କ ପୈତୃକ ଘରବାରିରେ ସେମାନେ କୂଅ ଖୋଳି, ଗୋଦାମ ଘର କରି ବାପ ଅଜା ଅମଳରୁ ଭୋଗ ଦଖଲ କରି ଆସୁଥିଲେ। ଏହି ଜାଗାକୁ ମନମୁଣ୍ଡାର ଦେବେନ୍ଦ୍ର ମିଶ୍ର ଏବଂ ତାଙ୍କ ପୁଅ ସୋନମ ଜବରଦସ୍ତ ତାର ବାଡ଼ ବୁଲାଇ ଦେଇଛନ୍ତି। ଅଗ୍ରୱାଲ ପରିବାର ଏହାର ପ୍ରତିବାଦ କରିବାରୁ ଦେବେନ୍ଦ୍ର ଏବଂ ତାଙ୍କ ପୁଅ ଆକ୍ରମଣ କରିଥିଲେ। ଦୀପକ ଅଗ୍ରୱାଲ ଗୁରୁତର ହୋଇଛନ୍ତି। ଅପରପକ୍ଷେ ଦେବେନ୍ଦ୍ର ମିଶ୍ର ଏହି ଜାଗା କିଣିଛନ୍ତି। ନିଜ ନାଁରେ ରେକର୍ଡ ଥିବା ଦର୍ଶାଇ ଜାଗା ଦଖଲ କରିବାକୁ ଯିବାବେଳେ ଅଗ୍ରୱାଲ ପରିବାର ପ୍ରତିବାଦ କରି ଗଣ୍ଡଗୋଳ କରିଥିବା ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପକ୍ଷରୁ ଏତଲା ପରେ ପୁଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

ବୌଦ୍ଧ, ୧୮ ।୩(ସମିସ)



ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ଜନ ସାଧାରଣଙ୍କୁ ନିବେଦନ କରାଯାଉଛି। ଏହିକ୍ରମରେ ବିଏସଏଫର ଗୋଟିଏ ପ୍ଲାଟୁନ, ଆଇଆରବିର ଗୋଟିଏ ପ୍ଲାଟୁନ ଫୋର୍ସ ହରଭଙ୍ଗା ଥାନା ଅଧୀନ ଛତ୍ରଙ୍ଗ, ଧୁଙ୍ଗିଆମୁଣ୍ଡା, ଖରଭୂଇଁ, ଗୁଣ୍ଡୁରୀସାହି, କଣ୍ଡିପଦର ଆଦି ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରିଛି। ତେବେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ସହ ସମାପ୍ତ କରିବା ପାଇଁ ଜିଲ୍ଲା ପୁଲିସ ସମେତ ସିଆରପିଏଫ ଏବଂ ଏସଓଜି ଯବାନ ମୁତୟନ ରହିବେ। ଅନ୍ୟପଟେ ଜିଲ୍ଲାରେ ୬୮ଟି ମାଓବାଦୀପ୍ରବଣ ଅଞ୍ଚଳର ବୁଥ୍ ଚିହ୍ନଟ କରାଯାଇଛି।

କୌଣସି ଜରୁରୀ କାଳୀନ ସ୍ଥିତି ମୁକାବିଲା ପାଇଁ ୧୦ଟି ଅସ୍ଥାୟୀ ହେଲିପ୍ୟାଡ ନିର୍ମାଣ ହୋଇଛି। ୨୩ଟି ମୋବାଇଲ ଯୋଗାଯୋଗ ଅପହଞ୍ଚ ଅଞ୍ଚଳ ମଧ୍ୟ ଚିହ୍ନଟ କରାଯାଇଛି। ସେଠାରେ ଯୋଗାଯୋଗ ପାଇଁ ସାଟେଲାଇଟ ଫୋନ୍ ଓ ଭିଏଚ୍‌ଏଫ୍ ବ୍ୟବସ୍ଥା କରାଯାଇଛି। ୧୦ଟି ସୀମା ଚେକିଂ ପୋଷ୍ଟ ସହ ୬ଟି ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି ବୋଲି ବୌଦ୍ଧ ଏସ୍‌ପି ସୂଚନା ଦେଇଛନ୍ତି।

### ଫେକ୍ ନ୍ୟୁଜ୍ ପ୍ରତି ସତର୍କ ରହିବାକୁ ପରାମର୍ଶ



**ତରଭା, ୧୮ ।୩(ସମିସ):** ନିର୍ବାଚନ ସମୟରେ ଫେକ୍ ନ୍ୟୁଜ୍ ପ୍ରତି ସାମ୍ବାଦିକମାନେ ସତର୍କ ରହିବା ଜରୁରୀ ବୋଲି ତରଭା ଥାନା ଆଇଆଇସି ଅନିତା କିଡୋ ପରାମର୍ଶ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ତରଭା ଥାନାରେ ସାମ୍ବାଦିକଙ୍କ ସହ ସୌଜନ୍ୟ ମୂଳକ ବୈଠକରେ ଆଇଆଇସି ଶ୍ରୀମତୀ କିଡୋ ଏହି ପରାମର୍ଶ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ତରଭା ସାମ୍ବାଦିକ ସଂଘ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅଶୋକ ସାହୁ, ଉପସଭାପତି ରାଜକୁମାର ମାହାରଣାଙ୍କ ସମେତ କପିଳାସ ସେଠ, ନରୋତ୍ତମ ମଲ୍ଲିକ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଅକ୍ଷୟ ବାଘ, ମନୋଜ ମନହିରା ପ୍ରମୁଖ ଉପସ୍ଥିତ ଥିଲେ।

### ଆଚରଣ ବିଧି ଲାଗୁ ପରେ ହଟିଲା ବ୍ୟାନର ପୋଷ୍ଟର



**ସୋନପୁର/ତରଭା, ୧୮ ।୩(ସମିସ):** ନିର୍ବାଚନ ତାରିଖ ଘୋଷଣା ପରେ ସାରା ଦେଶରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ଅବାଧ ଏବଂ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଦେଇଛି। ଏଥିପାଇଁ ଜିଲ୍ଲା ପ୍ରଶାସନ ଏବଂ ପୁଲିସ୍ ପ୍ରଶାସନ ବୈଠକ କରି ଆଲୋଚନା କରିଛନ୍ତି। ସୋନପୁର ସହରରେ ଥିବା ବିଭିନ୍ନ ରାଜନୈତିକ ଦଳର ପୋଷ୍ଟର ଏବଂ ବ୍ୟାନର ଖୋଲା ଯାଇଛି। ପୌର କର୍ମଚାରୀ ବିଭିନ୍ନ ଛକରେ ଲାଗିଥିବା ହୋର୍ଡିଂ, ବ୍ୟାନର, ପୋଷ୍ଟର ଆଦି ଖୋଲିଛନ୍ତି। ଖୁବ୍‌ଶୀଘ୍ର ଜିଲ୍ଲାର ଅନ୍ୟ ସହରରେ ଲାଗିଥିବା ସମସ୍ତ ଦଳୀୟ ପୋଷ୍ଟର ଓ ବ୍ୟାନର ଖୋଲାଯିବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ତରଭା ସହରରେ ମଧ୍ୟ ଲାଗିଥିବା ବିଭିନ୍ନ ଦଳର ବ୍ୟାନର ପୋଷ୍ଟରକୁ ଏନଏସି କର୍ମଚାରୀ କାଢି ନେଉଥିବା ଦେଖାଯାଇଛି।

## ବିଶ୍ୱଶାନ୍ତି ମହାଯଜ୍ଞ, ମହିମା ବାଲ୍ୟଲୀଳା ଆରମ୍ଭ

**ଜହ୍ନାପଙ୍କ, ୧୮ ।୩(ସମିସ):** ଖୁଣ୍ଟବନ୍ଧ ପଞ୍ଚାୟତ ପୋଲାମର ଗୁହିରାଟିକିରାରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ମହିମା ବାଲ୍ୟଲୀଳା ଆରମ୍ଭ ହୋଇଛି। ସାଲୁଙ୍କି ନଦୀ ପୋଲାମ ଘାଟରୁ କଳସ ଶୋଭାଯାତ୍ରା ବାହାରିଥିଲା। କର୍ତ୍ତା ଭାବେ ସାଧୁ କୃଷ୍ଣଚନ୍ଦ୍ର ଦାସ ଦାୟିତ୍ୱ ତୁଲାଉଛନ୍ତି। ବ୍ରହ୍ମାବଧୂତ ଆନନ୍ଦଚନ୍ଦ୍ର ବାବା, ବ୍ରହ୍ମାବଧୂତ କୂଳଧର ବାବା, ସାଧୁ କୂଳଚନ୍ଦ୍ର ଦାସ ଓ ମହିମା ସମାଜ ଲତା ଆଶ୍ରମ ପରିଚାଳନା ସମିତିର ସଭାପତି ନନ୍ଦି କିଶୋର କଳତା, ସମ୍ପାଦକ ପ୍ରମୋଦ କଳତା, ଉପ ସଭାପତି ମାନସ ପ୍ରଧାନ, କୋଷାଧକ୍ଷ ରଞ୍ଜନ ମହାକୁଳ, ସହ ସମ୍ପାଦକ ପଦ୍ମ ଚରଣ ଡାଙ୍ଗ, ସଭାପତି କେଦାରେଶ୍ୱର ଡାଙ୍ଗ, ମହିମା ବିକାଶ ପରିଷଦର ସଭ୍ୟ ଶମ୍ଭୁ ଗିରି, ଗଦାଧର ମହାକୁଲ, ନବୀନ ଡାଙ୍ଗ, ପଦ୍ମ ଚରଣ କର୍ଣ୍ଣ ପ୍ରମୁଖ ସହଯୋଗ କରୁଛନ୍ତି।

## ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି

**ଶଗଡ଼ା, ୧୮ ।୩(ସମିସ):** କଣ୍ଟାମାଳ ବ୍ଲକ ଲମ୍ବସେରୀ ପଞ୍ଚାୟତ ଦେମୁହାଣି ଓ ଗୁହୀରା ପାଲି ଗ୍ରାମର କେତେକ ଲୋକ ଦାଦନ ଖଟିବାକୁ ଯାଇ କର୍ଣ୍ଣାଟକରେ ବନ୍ଧକ ଅଛନ୍ତି। ସେମାନଙ୍କୁ ସେଠାରେ ଆଖୁକଟାରେ ନିୟୋଜିତ କରାଯାଇଛି। ପାରିଶ୍ରମିକ ନ ଦେଇ କେବଳ ଥରେ ଖାଇବାକୁ ଦିଆଯାଉଛି। ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ଘରକୁ ଆସିବାକୁ ଦିଆଯାଉନି। ସେମାନଙ୍କ ମଧ୍ୟରୁ ୫ଜଣ ଖସି ଆସିବାକୁ ସକ୍ଷମ ହୋଇଛନ୍ତି। ଘରକୁ ଖସି ପଳାଇ ଆସିଥିବା ଶ୍ରମିକ ଜିଲ୍ଲାପାଳ ଜେ ସୋନାଲଙ୍କୁ ସାକ୍ଷାତ କରି ବନ୍ଧା ପଡ଼ିଥିବା ଶ୍ରମିକଙ୍କୁ ଉଦ୍ଧାର ନିବେଦନ କରିଛନ୍ତି। ଖୁବ୍ ଶୀଘ୍ର ଶ୍ରମିକଙ୍କୁ ଉଦ୍ଧାର କରାଯିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇ ଏସ୍‌ପି ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

### ପ୍ରଥମ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଏସ୍‌ଡିସିଏ ବନାମ ଭଗବତୀ ମଧ୍ୟରେ ଫାଇନାଲ ମୁକାବିଲା

ବିନିକା, ୧୮ ।୩(ସମିସ)



ସ୍ଥାନୀୟ ବିନିକା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ପୋର୍ଟସ କ୍ଲବର ଆୟୋଜନରେ ଚାଲିଥିବା ପ୍ରଥମ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅନୁଷ୍ଠିତ ପୃଥକ ପୃଥକ ସେମି ଫାଇନାଲ ମ୍ୟାଚରେ ସୋନପୁର ଏସଡିସିଏ ଓ ଭଗବତୀ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ପ୍ରଥମ ସେମି ଫାଇନାଲରେ ଏସଡିସିଏ ୧୫ଓଭରରେ ୪ୱିକେଟ ହରାଇ ୧୩୭ରନ୍ କରିଥିଲା। ଦଳ ପକ୍ଷରୁ ବରୁଣ ୬୦ ଓ ପୁରୁଷୋତ୍ତମ ୩୮ରନ୍ କରିଥିଲେ। ଜବାବରେ ବଲାଙ୍ଗୀର ବିଶ୍ୱବିଦ୍ୟାଳୟ ଦଳ ନିର୍ଦ୍ଧାରିତ ଓଭରରେ ୭ୱିକେଟ ହରାଇ କେବଳ ୧୩୧ରନ କରିଥିଲା। ଦଳ ପକ୍ଷରୁ ଜିକେ ୩୨ ଓ ଜିତେନ୍ଦ୍ର ୨୯ରନ୍ କରିଥିଲେ।

ସେହିପରି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ବଲାଙ୍ଗୀର ବ୍ଲାଷ୍ଟରକୁ ହରାଇ ସୋନପୁର ଭଗବତୀ କ୍ଲବ୍ ବିଜୟୀ ହୋଇଥିଲା। ତେବେ ସୋନପୁର ଏସଡିସିଏ ଓ ଭଗବତୀ ମଧ୍ୟରେ ଫାଇନାଲ ମୁକାବିଲା ହେବ। ମ୍ୟାଚ୍ ଗୁଡ଼ିକୁ ଅମ୍ପାର ରଘୁବିର ପଣ୍ଡା ଓ ସୁରେଶ ବିଶି ପରିଚାଳନା କରିଥିଲେ। ବୈରାଗୀ ପ୍ରଧାନ, ଶଶାଙ୍କ ଶେଖର ଦାସ ଧାରାବିବରଣୀ ଦେଇଥିଲେ। ଆଲୋକ ସେଠୀ, ଶ୍ରୀତମ ଦାସ, ରାଜନ୍ ବେହେରା ସ୍କୋରର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ନରେନ୍ଦ୍ର ସାହୁ, ସୋନପୁର ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମଣ ସୁନା ଯୋଗଦେଇ ମ୍ୟାନ ଅଫ ଦି ବରୁଣ ଓ ପିକେଶଙ୍କୁ ଟ୍ରଫି ସହ ଉପ ବିଜେତା ଉଭୟ ଦଳକୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

■ ଆଞ୍ଚଳିକ ବ୍ଲକ୍ କଳାକାର ଓ ସଂସ୍କୃତି ସଙ୍ଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

## ଦାବି ପୂରଣ ନ ହେଲେ ରାସ୍ତାକୁ ଓହ୍ଲାଇବେ କଳାକାର



ହରଭଙ୍ଗା, ୧୮ ।୩(ସମିସ)

'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମର ପ୍ରାପ୍ୟ ମିଳୁନି। ଏଥିରେ ଅସନ୍ତୋଷ ପ୍ରକାଶ କରି ପୂର୍ବତନ ବିଡ଼ିଓଙ୍କ ବିରୋଧରେ କଳାକାର ଅଭିଯୋଗ ଆଣବା ସହ ବ୍ଲକ କାର୍ଯ୍ୟାଳୟ ଘେରିଛନ୍ତି। ଦାବି ପୂରଣ ନ ହେଲେ ରାସ୍ତାକୁ ଓହ୍ଲାଇବେ କଳାକାରମାନେ ଚେତାବନୀ ଦେଇଛନ୍ତି।

ଜିଲ୍ଲା ହରଭଙ୍ଗା ବ୍ଲକ ତହସିଲ କାର୍ଯ୍ୟାଳୟଠାରୁ ସୋମବାର ଶତାଧିକ କଳାକାର ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ପ୍ରାପ୍ୟ ପ୍ରଦାନ ସହ କଳାକାର ଚିହ୍ନଟ କରି ଭତ୍ତା, ପ୍ରତି ଦଳକୁ ଭାଗବତ ଟୁଙ୍ଗି ଓ ମାଇକ ସେଟ୍ ପ୍ରଦାନ, ବ୍ଲକ କାର୍ଯ୍ୟାଳୟ ପରିସରରେ କଳାକାରମାନଙ୍କ ଲାଗି ଏକ କାର୍ଯ୍ୟାଳୟ ଖୋଲିବାକୁ ଦାବି ଉପସ୍ଥାପନା କରିଥିଲେ।

ବିଡ଼ିଓ ଶରତ ସେଠି ପହଞ୍ଚି କଳାକାରଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ସଙ୍ଘର ସମ୍ପାଦକ ଅର୍ଜୁନ ଭୋକ୍ରାଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ୍‌ର ୨୨ଟି ପଞ୍ଚାୟତର ବିଭିନ୍ନ କଳାକାର ସଙ୍ଘର ପତର ସୌରା, ଘୁଡୁକା, କୃଷ୍ଣଗୁରୁ, ଦଣ୍ଡ ନୃତ୍ୟ, ଶବର, ହରେକୃଷ୍ଣ ଆଦି ସଙ୍ଘର ଶତାଧିକ କଳାକାର ସାମିଲ ଥିଲେ।

# ଜଙ୍ଗଲରୁ ବନ୍ୟଜନ୍ତୁର ଛାଲ ଉଦ୍ଧାର



**ଟିଟିଲାଗଡ଼, ୧୮।୩(ସମିସ):** ଟିଟିଲାଗଡ଼ ସହର ନିକଟସ୍ଥ ଝାରଦେବନ୍ଦର ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏକ ନାଳରେ ଦୁଇଟି କାଗଜରେ ଖଣ୍ଡ ଖଣ୍ଡ ଭାବରେ ଅନେକ ଛାଲ ଭର୍ତି ହୋଇ ରହିଥିବା ଦେଖିବାକୁ ମିଳିଛି। ଖବର ପାଇ ଟିଟିଲାଗଡ଼ ବନ ବିଭାଗ ଟିମ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିବା ସହ କାଗଜରେ ଗୋଡ଼ାଇ ହୋଇ ରହିଥିବା ଖଣ୍ଡ ଖଣ୍ଡ ଛାଲକୁ ଜବତ କରିଛି। ତେବେ ଛାଲଗୁଡିକୁ ଦେଖିଲେ ସନ୍ଦେହ ହେବାରୁ ଛାଲ କେଉଁ ବନ୍ୟ ହିଂସ୍ର ଜନ୍ତୁର ଛାଲ ତାହା ବନବିଭାଗ ଏଯାଏଁ ସ୍ପଷ୍ଟ କରିନାହିଁ। ତଦନ୍ତ ଜାରି ରହିଛି। ଛାଲଗୁଡିକୁ ବ୍ୟବଚ୍ଛେଦ କରିବା ପରେ କାହାର ଛାଲ ତାହା ଜଣାପଡିବ ବୋଲି ଟିଟିଲାଗଡ଼ ରେଞ୍ଜ ଅଧିକାରୀ କହିଛନ୍ତି। ଘଟଣାଟି ଏବେ ରହସ୍ୟ ହୋଇ ରହିଛି। ଶିକାରୀମାନେ ବନ୍ୟ ହିଂସ୍ର ଜନ୍ତୁ ମାନଙ୍କୁ ଶିକାର କରି ସେମାନଙ୍କ ଛାଲ, ନଖ, ଦାନ୍ତକୁ କଳାବଜାରରେ ବିକ୍ରି କରୁଥିବା ସନ୍ଦେହ ଏବେ ଘନୀଭୂତ ହେବାରେ ଲାଗିଛି। ଏହି ବନ୍ୟଜନ୍ତୁ ଶିକାର ତଥା ଛାଲ କରବାରରେ ଏକ ବଡ଼ ରାକେଟ କାମ କରୁଥିବା ଅନୁମାନ କରାଯାଉଛି। ବନ ବିଭାଗ ଏହାର ନମୁନା ସଂଗ୍ରହ କରି ଭୁବନେଶ୍ୱର ପଠାଇଛି। ଏହି ସମ୍ପର୍କରେ ଡିଏଫଓ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ଗାଁକୁ ଆସିଥିବା ନଳକୂଅ ଫାର୍ମ ହାଉସ୍‌ରେ ସ୍ଥାପନ

## ଗ୍ରାମବାସୀଙ୍କ ବିରୋଧ

**ଜୟପାଟଣା, ୧୮।୩(ସମିସ):** ସରକାରୀ ନଳକୂପ ଏକ ବେସରକାରୀ ଫାର୍ମ ହାଉସରେ ଖୋଳିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅନ୍ତର୍ଗତ ଉଛୁଳା ଗ୍ରାମପଞ୍ଚାୟତ ଘଣ୍ଟିଗୁଡା ଗ୍ରାମରେ ଲୋକଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଶିବ ମନ୍ଦିର ପରିସରରେ ଓ ଅନ୍ୟଟି ଗାଁ ନିକଟରେ ଏମିତି ଦୁଇଟି ନଳକୂପ ଖନନ ହେବା କଥା। ଶିବ ମନ୍ଦିର ପରିସରରେ ଖୋଳା ଯାଇଥିବା ନଳକୂପରେ ପୁରୁଣା ସରଞ୍ଜାମ ଲଗା ଯାଇଥିବା ବେଳେ ଅନ୍ୟ ଏକ ନଳକୂପ ଗାଁରେ ସ୍ଥାପନ ହେବା ପରିବର୍ତ୍ତେ ଏକ ବେସରକାରୀ ଫାର୍ମ ହାଉସରେ ତାହା ସ୍ଥାପନ କରାଯାଇଛି। ଦାୟିତ୍ୱରେ ଥିବା ଏସଇମଙ୍କ କହିବାନୁଯାୟୀ ଜେଇଙ୍କ ନିର୍ଦ୍ଦେଶରେ ଉକ୍ତ ନଳକୂଅ ଫାର୍ମ ହାଉସରେ ଖୋଳାଯାଇଛି। ଏହି ଫାର୍ମ ହାଉସି ଗାଁଠାରୁ ଅଧା କିମି ଦୂରରେ ଥିବା ବେଳେ ଏଠାରେ କାହିଁକି ଲୋକଙ୍କ ପାଇଁ ଆସିଥିବା ନଳକୂପ ଖନନ ହୋଇଛି ବୋଲି ଲୋକେ ପ୍ରଶ୍ନ କରିବା ସହ ଶିବ ମନ୍ଦିର ପରିସରରେ ନଳକୂପରେ ପୁରୁଣା ସରଞ୍ଜାମ ଲଗାଣକୁ ବିରୋଧ କରିଛନ୍ତି। କେଉଁ ଉଦ୍ଦେଶ୍ୟରେ ଏକ ବେସରକାରୀ ଜମି ଉପରେ ସରକାରୀ ନଳକୂପ ଖନନ କରାଗଲା ତାହା ତଦନ୍ତ ସାପେକ୍ଷ। ଜୟପାଟଣା ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ନାମରେ ପୂର୍ବରୁ ମଧ୍ୟ ଅନେକ ଅଭିଯୋଗ ଆସିଛି। ବ୍ଲକରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅଧାପନ୍ତରିଆ ଭାବେ ନିର୍ମାଣ କାର୍ଯ୍ୟ ହୋଇଥିବା ଅନେକ ପାନୀୟ ଜଳ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ ଯେ ମୁଁ ଦେଖିବି କଣ ହୋଇଛି।

**ସାଧାରଣ ନିର୍ବାଚନ-୨୦୨୪**

# ସର୍ବଦଳୀୟ ବୈଠକରେ ଦାୟିତ୍ୱ ଓ ଆନ୍ତରିକତାକୁ ଗୁରୁତ୍ୱ

**ବଲାଙ୍ଗିର, ୧୮।୩(ସମିସ)**

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧକ୍ଷତାରେ ଅପରାହ୍ନ ୧୧ଟା ସମୟରେ ସାଧାରଣ ନିର୍ବାଚନ-୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆରକ୍ଷୀ ଅଧୀକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରୀ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ କହିଥିଲେ। ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଉପରେ ଧ୍ୟାନ ଦେବାକୁ କହିଥିଲେ। ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନୋଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କ ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଅନଲାଇନରେ କିପରି ନାମାଙ୍କନ ସହ ପ୍ରଶାସନର ଅନୁମତି ମାଗିବେ ସେ ବାବଦରେ ଜଣା ଯାଇଥିଲା। ସେମାନେ https://suvidha.eci.gov.inରେ ସମସ୍ତ ତଥ୍ୟ ଭରି ଘରେ ନାମାଙ୍କନ କରିପାରିବେ। କୌଣସି ପରିସ୍ଥିତିର ସୂଚନା ବାବଦରେ ୧୯୫୦ ଦେୟମୁକ୍ତ ନମ୍ବରରେ ଫୋନ କରି ଜଣେଇପାରିବେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ସେ ପ୍ରକାଶ କରିଥିଲେ। କୌଣସି ରାଲି ପାଇଁ ଆଗୁଆ ଅନୁମତି ନେବା ଉପରେ ଗୁରୁତ୍ୱ ଦେବାକୁ ଜଣେଇଥିଲେ। ଜିଲ୍ଲାପାଳ ଶ୍ରୀ ଇସଲଓ୍ୱାର ଉପସ୍ଥିତ ସମସ୍ତ ରାଜନେତା ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତି ପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ ଏବଂ ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳରୁ ଦିନେଶ ଶର୍ମା ଓ ଦେବବ୍ରତ ନିନା, ରମାକାନ୍ତ ନାଗ , କୈଳାଶ ମିଶ୍ର, ସମ୍ରାଟ କିଶୋର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

**ସଫଳ ଓ ଶୃଙ୍ଖଳିତ ନିର୍ବାଚନ ପାଇଁ ଆହ୍ୱାନ**

**ଅନ୍‌ଲାଇନ୍ ନାମାଙ୍କନ ପ୍ରକ୍ରିୟାକୁ ପ୍ରୋତ୍ସାହନ**

# ଆପ୍ ଗଣଧାରଣା ୨୬ ଦିନ ପରେ ସ୍ଥଗିତ

**କଣ୍ଟାବାଞ୍ଜି/ତୁରେକେଲା, ୧୮।୩ (ସମିସ):** କଣ୍ଟାବାଞ୍ଜି ସହର ତହସିଲ ଅଫିସ ସମ୍ମୁଖୀନରେ ଆମ ଆଦମୀ ପାର୍ଟି ତରଫରୁ ୧୬ ଦଫା ଦାବି ନେଇ ଗତ ଫେବୃୟାରୀ ୨୨ ତାରିଖରୁ ଚାଲିଥିବା ଗଣଧାରଣା ନିର୍ବାଚନ ଆଚରଣ ବିଧି ଲାଗୁ ହେବା କାରଣରୁ ୨୬ ଦିନ ପରେ ସୋମବାର ସ୍ଥଗିତ କରାଯାଇଛି। ଆପ ନେତା ସୁରଥ ବେହେରାଙ୍କ ନେତୃତ୍ୱରେ ଚାଲିଥିବା ୧୬ଟି ଦାବି ମଧ୍ୟରୁ ମୁଖ୍ୟ ଦୁଇଟି ଦାବି ଭୂମିହୀନଙ୍କୁ ଘର/ପଟ୍ଟା ପ୍ରଦାନ ଓ ପଟ୍ଟାଦାରଙ୍କୁ ରଏତି କରିବା ନେଇ ଏହି ଆନ୍ଦୋଳନ ଚାଲିଥିଲଶ। ଧାରଣା ସ୍ଥଗିତ ରଖିବାକୁ ନିଷ୍ପତ୍ତି ତହସିଲଦାର ରତନଲାଲ ମୁଣ୍ଡାଙ୍କୁ ଆମ ଆଦମୀ ପାର୍ଟି ତରଫରୁ ଲିଖିତ ଜଣାଇ ଦିଆଯାଇଛି। କଣ୍ଟାବାଞ୍ଜି ପୌରାଧ୍ୟକ୍ଷ ବରିୟାମ ସିଂହ ସାଲୁଜା, ବରିଷ୍ଠ ସମାଜସେବୀ, ମୁରାରି ଅଗ୍ରୱାଲ, ଶୁଣ୍ଡି ସମାଜ ସଭାପତି କୁଞ୍ଜବିହାରୀ ବେହେରା, ବ୍ରାହ୍ମଣ ସମାଜ ସଭାପତି ଅମରଚନ୍ଦ ଶର୍ମା, ବରିଷ୍ଠ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ଶେଷଦେବ ପୁଟେଲ, ଆଦିବାସୀ ସମାଜ ସଭାପତି ଗୋବିନ୍ଦ ବର୍ଗେ, ପଟ୍ଟାଦାର ସଂଘର୍ଷ ସମିତିର ସଭ୍ୟ ବିଜୟ ଘୁମୁରିୟା, ରାଜେନ୍ଦ୍ର ଅଗ୍ରୱାଲ, ରାଜେଶ ଅଗ୍ରୱାଲ, ଅରୁଣ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ନରେନ୍ଦ୍ର ସୁନା, ସୁନୀଲ ଅଗ୍ରୱାଲ, ଅଗ୍ରୱାଲ ସଭା ଟ୍ରଷ୍ଟ, ଅଖିଳ ଭାରତୀୟ ମାରୱାଡ଼ି ମହିଳା ମଞ୍ଚର ସଦସ୍ୟ କିରଣ ଅଗ୍ରୱାଲ, ସହ ବହୁ ସାମାଜିକ ସଂଗଠନର କର୍ମକର୍ତ୍ତା ଆନ୍ଦୋଳନକୁ ସୋମବାର ସମର୍ଥନ ଜଣାଇଛନ୍ତି। ଆମ ଆଦମି ପାର୍ଟିର ନଗର ସଭାପତି ବିଷ୍ଣୁ ପୁଞ୍ଜି, ସମ୍ପାଦକ ହାଡୁ ଛତ୍ରିଆ, ନାରୀନେତ୍ରୀ ସୁବର୍ଣ୍ଣଲତା ସାହୁ, ବସୁଧା ଦାସ, ରଜା କୁମାର, ହୀରାଧର ବରିହା ପ୍ରମୁଖ ଉପସ୍ଥିତ ଥିଲେ।



**■ ହଟୁନି ଅନ୍ଧବିଶ୍ୱାସ କୁସଂସ୍କାର**

# ମହିଳାଙ୍କୁ ଡାହାଣୀ କହି ଦୁଇ କୋର୍ଟ ଚାଲାଣ

**ବେଲପଡ଼ା, ୧୮।୩(ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ନୁନହାଡ଼ ଗାଁରେ ଜଣେ ମହିଳାଙ୍କୁ ଡାହାଣୀ କହିବା ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ନୁନହାଡ଼ ଗାଁର ଉଗ୍ରସେନ ସାହୁ ଓ ଲୋଇସିଂହା ଥାନା ବୁଡ଼ାଗାଁ ଉପରପଡାର ଭାଗ୍ୟ ବାଗ। ସୂଚନା ଅନୁସାରେ, କିଛି ଦିନ ହେବ ନୁନହାଡ଼ ଗାଁର ଉଗ୍ରସେନ ସାହୁଙ୍କ ଝିଅଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ତାଙ୍କୁ ବିଭିନ୍ନ ଡାକ୍ତରଖାନାକୁ ନେଇ ଚିକିତ୍ସା କରୁଥିଲେ ତଥାପି ଭଲ ନହେବାରୁ ସୋମବାର ଘରକୁ ଜଣେ ଗୁଣିଆକୁ ଡାକି ଝିଅର ଚିକିତ୍ସା କରୁଥିଲେ। ଏତିକି ବେଳେ ଗୁଣିଆ ଜଣକ ନିଜ ଦେହରେ ଦେବୀ ଆବିର୍ଭାବ ହୋଇଛି କହି ଗାଁ ପରିକ୍ରମା ପରେ ଦିବାକର ମେହେରଙ୍କ ଘରକୁ ଯାଇଥିଲେ। ତାଙ୍କ ମା'ଙ୍କୁ ଡାହାଣୀ କହି ଚିତ୍କାର କରିଥିଲେ ଯାହାକୁ ନେଇ ପରିବାର ଲୋକ ପ୍ରତିବାଦ କରିବା ସହ ବେଲପଡା ଥାନାରେ ପୁଅ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଘଟଣାସ୍ଥଳରେ ବେଲପଡା ପୁଲିସ ପହଞ୍ଚି ତଦନ୍ତ କରିଥିଲା। ଗୁଣିଆ ଭାଗ୍ୟ ବାଗ ଓ ଝିଅର ବାପା ଉଗ୍ରସେନକୁ ଥାନାକୁ ଆଣି ପଚରାଉଚରା ପରେ ପାଟଣାଗଡ଼ କୋର୍ଟକୁ ଚାଲାଣ କରିଛି। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଆଜି ଦିନରେ ବି ଅନ୍ଧବିଶ୍ୱାସ ପ୍ରଥା ଲାଗି ରହିଥିବାରୁ ପ୍ରଶାସନ ପକ୍ଷରୁ ସଚେତନତା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ଉଠୁଛି।



# ମେଗା ପାନୀୟଜଳ ଯୋଗାଣ କାର୍ଯ୍ୟାଳୟରେ ତାଲା

**ଶଗଡ଼ା, ୧୮।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅଧୀନ ଲୋକାପଡ଼ାରେ ପ୍ରାୟ ୫୦୦କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଛି। କଣ୍ଟାମାଳ ବ୍ଲକର ସମୁଦାୟ ୨୪ଟି ପଞ୍ଚାୟତକୁ ପାନୀୟଜଳ ଯୋଗାଣ ପାଇଁ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି। କାମ ସମ୍ପୂର୍ଣ୍ଣ ହୋଇ ସାରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଅଞ୍ଚଳବାସୀ ପାଣି ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ପ୍ରକଳ୍ପ ଆରମ୍ଭ ହେବା ଦିନଠାରୁ ଲୋକେ ଖରା ଦିନେ ଜଳକଷ୍ଟରୁ ମୁକ୍ତି ପାଇବା ପାଇଁ ଅନେକ ସ୍ୱପ୍ନ ଦେଖିଥିଲେ। ଏବେ ଏହାର ବାସ୍ତବତାକୁ ନେଇ ସନ୍ଦେହ ଘେରରେ ଅଞ୍ଚଳବାସୀ। ତେବେ ଏ ସମ୍ପର୍କରେ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜିତ୍ ସେଠୀଙ୍କୁ ପଚାରିବାରୁ ଧାନ ଚାଷ ପାଇଁ ପାଣି ନ ହେବାରୁ ଲୋକାପଡ଼ା ଗ୍ରାମର କିଛି ଲୋକ ମନା କରିବାରୁ ଜଳଯୋଗାଣ ବନ୍ଦ ଥିବା କହିଛନ୍ତି।



**୧୦ ଦିନ ହେଲା ଜଳଯୋଗାଣ ବନ୍ଦ**

# ମାଜିଷ୍ଟ୍ରେଟ-ପୁଲିସ ସମନ୍ୱୟ ବୈଠକ

**ବୌଦ୍ଧ, ୧୮।୩(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ସନ୍ଧ୍ୟାରେ ମାଜିଷ୍ଟ୍ରେଟ-ପୁଲିସ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପରିଚାଳନା ପାଇଁ ୯୧ ଜଣ ଅଧିକାରୀଙ୍କୁ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଶାସନ ଓ ପୁଲିସର ମିଳିତ ତଦନ୍ତ ରିପୋର୍ଟ ପ୍ରଦାନ, ବିଡିଓ ଏବଂ ତହସିଲଦାରଙ୍କୁ ନେଇ ସାପ୍ତାହିକ ମିଳିତ ବୈଠକ, ଅପରାଧୀ ଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କୁ ୧୦୭ ନୋଟିସ ଜାରି କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ଆଲୋଚନା କରାଯାଇଥିଲା। ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀମାନେ ଜିଲ୍ଲାର ଉଭୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ସହ ଯୋଗାଯୋଗରେ ରହିବା ସହ ଆବଶ୍ୟକସ୍ଥଳେ ସେମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ବୈଠକରେ ଜିଲ୍ଲାପାଳ ଜେ. ସୋନାଲ, ଏସ୍‌ପି



ରାଜ ପ୍ରସାଦ, ଅତିରିକ୍ତ ଜିଲ୍ଲାପା ତଥା କଣ୍ଟାମାଳ ନିର୍ବାଚନଣ୍ଡଳୀ ରିଟର୍ଣ୍ଣିଂ ଅଫିସର ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପତ୍ର, ଉପଜିଲାପାଳ ତଥା ବୌଦ୍ଧ ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଏସ୍‌ଡିପିଓ କୁଳଦୀପ ମିନା, ଡେପୁଟି କଲେକ୍ଟର (ନିର୍ବାଚନ) ଶାଶ୍ୱତ ପ୍ରଧାନଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଏବଂ ମାଜିଷ୍ଟ୍ରେଟ କ୍ଷମତାପ୍ରାପ୍ତ ଅଧିକାରୀ ଓପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ଚଲାନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

**ନୂଆପଡ଼ା, ୧୮।୩(ସମିସ)**

ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗେଇଦେବା ପାଇଁ ସରକାର ପ୍ରାଥମିକ ବିଦ୍ୟାଳୟଗୁଡିକୁ ରୂପାନ୍ତରିକରଣରେ ସାମିଲ କରି ଶିକ୍ଷାର ଭିତିଭୂମିକୁ ସୁଦୃଢ କରୁଛନ୍ତି; ହେଲେ ନୂଆପଡ଼ା ଜିଲ୍ଲା ଖ ଡି ଆ ଳ ବ୍ଲକ ଚଲାନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ୟତିକ୍ରମ ଦେଖା ଦେଇଛି। ସ୍କୁଲର ପାଚେରି ଓ ଫାଟକ ଥିବାରୁ ସ୍କୁଲଟି ଏବେ ଅସାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ମଦ୍ୟମମାନେ ସ୍କୁଲରେ ମଦ ପିଇ ମଦ ବୋତଲ କାଚ ଭାଙ୍ଗି ଓ ଇଟାପଥର ଶ୍ରେଣୀ ଗୃହ ଭିତରେ ବାରମ୍ବାର ଫୋପାଡୁଛନ୍ତି।

ଶ୍ରେଣୀ ଗୃହ ଛାତର ଲୁହା ଛଡ଼ ଦେଖାଯାଉଛି। ଏଣୁ ସାମାନ୍ୟ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଛାତ୍ରଛାତ୍ରୀଙ୍କ ଉପରେ ଛାତରୁ ସିମେଣ୍ଟ ଗୁଣ୍ଡ ମଧ୍ୟ ପଡୁଛି। ଏଭଳି ପରିସ୍ଥିରେ ବିପଦ ସଙ୍କୁଳ ଅବସ୍ଥାରେ ସ୍କୁଲ ବାରଣ୍ଡାରେ ଛାତ୍ରଛାତ୍ରୀ ପାଠ ପଢୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀ ଭୂମିକା ଚଣ୍ଡି, ଅଷ୍ଟମ ଶ୍ରେଣୀ ଛାତ୍ର ଭକ୍ୟସ ତାଣ୍ଡି ଆମକୁ କ୍ଷୋଭ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷେ ଏ ନେଇ ଚଲାନପଡ଼ା ସ୍କୁଲ ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ଜିଲ୍ଲା ପ୍ରଶାସନଠାରୁ ନେଇ ରାଜ୍ୟ ଶିକ୍ଷା ବିଭାଗକୁ ବାରମ୍ବାର ଲିଖିତ ଭାବେ ଜଣାଇ ଆସୁଛନ୍ତି; ହେଲେ ଚଲାନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ୟା ପ୍ରତି ପ୍ରଶାସନ ଏଯାଏଁ ଦୃଷ୍ଟି ଦେଉ ନ ଥିବାରୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସମସ୍ୟା ସମାଧାନ ନ ହେଲେ ରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏଭଳି ସ୍ଥିତିରେ ଚଲାନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନ କରିବା ପରେ ସମସ୍ୟାର ସମାଧାନ କରାଯିବ ବୋଲି ଖଡିଆଳ ବ୍ଲକ ଶିକ୍ଷାଧିକାରୀ କାହ୍ନୁଚରଣ ନାଏକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ନୂଆପଡ଼ା-ଖଡିଆଳ ଦେଇ ଦେଇଯାଇଥିବା ୩୫୩ ଜାତୀୟରାଜପଥକୁ ଲାଗି ରହିଛି ଖଡିଆଳ ବ୍ଲକ ଚଲାନପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଚଲାନପଡ଼ା ଗାଁ ଏକ ପଛୁଆବର୍ଗ ଓ ଅଦିବାସୀ ବହୁଳ ଗାଁ ହୋଇଥିବା ବେଳେ ଏଠାରେ ଶିକ୍ଷାହାର ଅତି କମ୍ ରହିଛି। ୧୯୬୩ରେ ଚଲାନପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ୧ରୁ ୫ ଶ୍ରେଣୀକୁ ନେଇ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଶିକ୍ଷା ବିଭାଗ ଏହି ସ୍କୁଲକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରିଛି। ୬ଷ୍ଠରୁ ଅଷ୍ଟମ ଶ୍ରେଣୀ ଯୋଡି ହୋଇଛି; ୩ ଜଣ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ଏଣୁ ପାଠପଢ଼ା ବ୍ୟାହତ ହେଉଛି।




- ■ ସଞ୍ଜ ନଇଁଲେ ଅସାମାଜିକଙ୍କ ଆଡ୍ଡା ଜମୁଛି
- ■ ଛାତରୁ ରଡ୍ ଦିଶୁଛି, ସିମେଣ୍ଟ ଖସୁଛି
- ■ ପାଚେରି ନାହିଁ କି ଫାଟକ ନାହିଁ
- ■ ଛାତ୍ରଛାତ୍ରୀ, ଅଭିଭାବକ ଅସନ୍ତୁଷ୍ଟ
- ■ ଅଭିଯୋଗ ସତ୍ତ୍ୱେ କେହି ଶୁଣୁନାହାନ୍ତି

